


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୮ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 MARCH 2023

Vol.No. 34 ■ No. 82 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତେଜିଲା 'ରାହୁଲ' ଝଡ଼ : କଳା ପୋଷାକ ପିନ୍ଧି ପ୍ରତିବାଦ

ନୂଆଦିଲ୍ଲୀ, ୨୭/୦୩ : ଆଦାନୀ ପ୍ରସଙ୍ଗ ଓ ରାହୁଲ ଗାନ୍ଧୀଙ୍କୁ ଲୋକସଭାରୁ ଅଯୋଗ୍ୟ ଘୋଷଣା କରାଯିବା ପରେ ଆକ୍ରମଣାତ୍ମକ ହୋଇଉଠିଛି କଂଗ୍ରେସ । ସଂସଦ ଠାରୁ ଆରମ୍ଭ କରି ରାଜରାସ୍ତା ଯାଏଁ ରଣହୁଙ୍କାର ଭରିଛନ୍ତି କଂଗ୍ରେସ କର୍ମୀ । ସକାଳୁ ସକାଳୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସମେତ ସବୁ ସାଂସଦ ଗୃହ ଭିତରକୁ କଳା ପୋଷାକ ପିନ୍ଧି ପ୍ରତିବାଦ କରିଥିଲେ । ତେବେ ଗୃହ ଅଚଳ ହେବା ପରେ ସବୁ ସାଂସଦ ସଂସଦ ଭବନ ଭବନରୁ ବିଜୟ ଚୌକ ଯାଏଁ ଚାଲିଚାଲି ବିରୋଧ କରିଥିଲେ । ଆଉ ଏଥିରେ ସାମିଲ ହୋଇଥିଲେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ । ଏହାରି ଭିତରେ କଂଗ୍ରେସ ଅଧ୍ୟକ୍ଷ ଖଡଗେ କେନ୍ଦ୍ର ସରକାର ଉପରେ ବର୍ଷିଛନ୍ତି । କହିଛନ୍ତି, ମୋଦୀ ସରକାର ଦେଶରେ ଗଣତନ୍ତ୍ରକୁ ସମ୍ପୂର୍ଣ୍ଣ ହତ୍ୟା କରିଛନ୍ତି । ସେଥିପାଇଁ ଆମେ କଳା



ପୋଷାକ ପିନ୍ଧି ଏହାର ପ୍ରତିବାଦ କରୁଛୁ । ଯେଉଁଭଳି ଭାବେ ରାହୁଲ ଗାନ୍ଧୀଙ୍କୁ ଲୋକସଭାରୁ ନିଷ୍କାସିତ କରାଯାଇଛି, ତାହା କେବଳ କଂଗ୍ରେସ ନୁହେଁ, ସବୁ ବିରୋଧୀ ଦଳକୁ ଏକଜୁଟ କରିଛି । ଆଗକୁ ଏହି ବିରୋଧ ଜୋରଦାର ହେବ । ରାହୁଲଙ୍କୁ ଅଯୋଗ୍ୟ ଘୋଷଣା ପରେ ପୂରା ଦେଶରେ ପ୍ରତିବାଦ ଜୋରଦାର ହୋଇଛି । ଚେନ୍ନାଇ, ଓଡ଼ିଶା ଓ ଆଉ କିଛି ରାଜ୍ୟରେ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାର ବିରୋଧରେ ବର୍ଷିଛନ୍ତି । ସେହିପରି ରାଜଧାନୀ ଦିଲ୍ଲୀରେ ଯୁବ କଂଗ୍ରେସ କର୍ମୀ ହଲ୍ଲାବୋଲ ଦେଇଛି । ବିରୋଧ ପ୍ରଦର୍ଶନ କରୁଥିବା କିଛି ଯୁବ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଇଛି । ସେପଟେ କଂଗ୍ରେସର କଳା ପୋଷାକ ପିନ୍ଧି ପ୍ରତିବାଦକୁ କଟାକ୍ଷ କରିଛି ବିଜେପି । କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ସେମାନଙ୍କ କଳା କାରନାମା, ଆଉ ଏବେ କଳା ପୋଷାକ । ଆଗକୁ ଏମାନେ କଳା ଯାଦୁ ବି କରିବେ, କାରଣ ସେମାନଙ୍କ କଳା କାରନାମା ଲୁଚି ରହିପାରିବ ନାହିଁ । ରାହୁଲ ଗାନ୍ଧୀ ପଛୁଆବର୍ଗଙ୍କୁ ଅପମାନିତ କରିଛନ୍ତି । ଆଉ ସେମାନଙ୍କ ଭିତରେ ଏତେ ଅହଙ୍କାର ଭରି ରହିଛି ଯେ ସେମାନେ କୋର୍ଟଙ୍କ ନିର୍ଦ୍ଦେଶକୁ ମଧ ମାନୁନାହାନ୍ତି ବୋଲି ଅନୁରାଗ ଠାକୁର କହିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀ ମଧ ରାହୁଲ ଗାନ୍ଧୀଙ୍କୁ ତାଚ୍ଛଲ୍ୟ କରିଛନ୍ତି । କହିଛନ୍ତି, ଘୋଡ଼ା ଦୌଡ଼ରେ ଭାଗ ନେବା ପାଇଁ ଆପଣ ଗଧ ଆଣୁଛନ୍ତି । ଆଦାନୀ ଓ ରାହୁଲ ପ୍ରସଙ୍ଗକୁ ନେଇ ସୋମବାର ଗୃହରେ ଆରମ୍ଭରୁ ହଟ୍ଟଗୋଳ ହୋଇଥିଲା । ଲୋକସଭା ବାଚସ୍ପତି ଓମ ବିର୍ଲା ଗୃହକୁ ପ୍ରବେଶ କରିବା ମାତ୍ରକେ କଳା ପୋଷାକ ପିନ୍ଧି ବିରୋଧୀ ସାଂସଦ ହଙ୍ଗାମା କରିଥିଲେ । ବିରୋଧୀ ସାଂସଦମାନେ ବାଚସ୍ପତିଙ୍କ ସିଟ୍ ଉପରକୁ କାଗଜ ଫୋପାଡ଼ିଥିଲେ ଏବଂ କହିଥିଲେ 'ୟୁ ଆର୍ କିଲିଙ୍ଗ ଦି ଡେମୋକ୍ରାସି' ଅର୍ଥାତ୍ 'ଆପଣ ଗଣତନ୍ତ୍ରକୁ ହତ୍ୟା' କରିଛନ୍ତି । ଯାହା ପରେ ଗୃହକୁ ସ୍ଥଗିତ କରାଯାଇଥିଲା ।

## ୨୦୨୪ ପାଇଁ ବିଜେଡିର ନୂଆ ଟିମ୍

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ସାଧାରଣ ନିର୍ବାଚନ ପାଇଁ ବିଜେଡିର ସମରସଜ୍ଜା । ୬ ମାସ ଭିତରେ ବିଜେଡି ପୁଣି ଜିଲ୍ଲା ପର୍ଯ୍ୟବେକ୍ଷକଙ୍କ ତାଲିକାକୁ ପରିବର୍ତ୍ତନ କରିଛି । ଏହି ତାଲିକାରେ ସବୁଠାରୁ ବଡ କଥା ହେଲା ଧର୍ମେନ୍ଦ୍ରଙ୍କୁ ଚେକ ଦେବାକୁ ରଣନୀତି ତିଆରି କରିଛି ବିଜେଡି । ଆଉ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଜାତୀୟ ଗଣମାଧ୍ୟମ ଓ ବିଜେପି ଅନ୍ଦରମହଲ ଚର୍ଚ୍ଚା ଅନୁସାରେ, ଆଗାମୀ ନିର୍ବାଚନରେ ଧର୍ମେନ୍ଦ୍ର ନିଜର ହୋମ ଗ୍ରାଉଣ୍ଡ ଢେଙ୍କାନାଳ କିମ୍ବା ସମ୍ବଲପୁରରୁ ନିର୍ବାଚନ ମୈଦାନକୁ ଆସିପାରନ୍ତି । ଏପରିକି ଧର୍ମେନ୍ଦ୍ର ଏହି ଜିଲ୍ଲାଗୁଡିକୁ ମାରାଥନ ଗସ୍ତ କରି ସଙ୍ଗଠନକୁ ସଜାଡୁଛନ୍ତି । ତେଣୁ ବିଜେଡି ଏହାର ଆଭାସ ପାଇ ଟାଣୁଆ ସଙ୍ଗଠକ ପ୍ରଣବଙ୍କୁ ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲା ଦାୟିତ୍ୱ ଦେଇଛି । ପୂର୍ବରୁ



ଢେଙ୍କାନାଳ ଦାୟିତ୍ୱରେ ପ୍ରମିଳା ମଲ୍ଲିକ ଓ ସମ୍ବଲପୁର ଦାୟିତ୍ୱରେ ନଳିନୀ ପ୍ରଧାନ ଥିଲେ । କିଛି ଦିନ ତଳେ ବିଜେପି ରାଜ୍ୟ ମୁଖିଆ ପରିବର୍ତ୍ତନ କରିବା ପରେ ବିଜେଡିର ପର୍ଯ୍ୟବେକ୍ଷକ ତାଲିକା ଘୋଷଣା ରାଜନୀତିକୁ ଅଧିକ ସରଗରମ କରିଛି । ବିଜେପି ନୂଆ ସଭାପତି ମନମୋହନ ସାମଲଙ୍କ ନିଜ ଜିଲ୍ଲା ଭଦ୍ରକରେ ନୂଆ ରଣନୀତି ସହ ମୈଦାନକୁ ଓହ୍ଲାଇବ ବିଜେଡି । ଏଠାରେ ପର୍ଯ୍ୟବେକ୍ଷକ ବଦଳାଯାଇ ପ୍ରତାପ ଜେନାଙ୍କୁ ନୂଆ ପର୍ଯ୍ୟବେକ୍ଷକ କରାଯାଇଛି । ବିଜେଡିର ସଙ୍ଗଠନ ଯେଉଁଠି ଦୁର୍ବଳ ରହିଛି ସେଠାରେ ଟାଣୁଆ ନେତାଙ୍କୁ ଜିଲ୍ଲା ଦାୟିତ୍ୱ ଦେଇଛନ୍ତି ଦଳର ସୁପ୍ରିମୋ । ୩୦ଟି ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଅଛନ୍ତି ୯ ଜଣ ମନ୍ତ୍ରୀ । ଅତନୁ ସବ୍ୟସାଚି ନାୟକ ଏବଂ ଦିବ୍ୟଶଙ୍କର ମିଶ୍ରଙ୍କୁ ୨ ଟି ଲେଖାଏଁ ଜିଲ୍ଲାର ଦାୟିତ୍ୱ ଦିଆଯାଇଛି । ସେପଟେ ମନ୍ତ୍ରୀ ଟୁକୁନି ସାହୁ, ଉଷା ଦେବୀ, ରୋହିତ ପୁଜାରୀଙ୍କୁ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ବାଦ ଦିଆଯାଇଛି ।

## ଠକେଇ ଅଭିଯୋଗରେ ଓଲିଉଡ୍ ପ୍ରଯୋଜକ ଅଜିତାଭ ମଲିକ ଗିରଫ



ଭୁବନେଶ୍ୱର, ୨୭/୦୩ (ନି.ପ୍ର): ଠକେଇ ଅଭିଯୋଗରେ ଓଡ଼ିଆ ସିନେମା 'ଅରୁନ୍ଧତୀ'ର ଅନ୍ୟତମ ପ୍ରଯୋଜକ ଅଜିତାଭ ମଲ୍ଲିକ ଗିରଫହୋଇଛନ୍ତି । ଠକେଇ ଅଭିଯୋଗ ଆଣିଛନ୍ତି ଜଣେ ମହିଳା ଆସିଷ୍ଟାଂଟ ପ୍ରଫେସର ।୮୫ ଲକ୍ଷ ଠକେଇ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ୍ ଅଜିତାଭ୍ ଙ୍କୁ ଗିରଫ କରିଛି । ଅଜିତାଭ ଭୁବନେଶ୍ୱର କୋଲଥିଆ ଅଂଚଳରେ ଥିବା ଡୁପ୍ଲେକ୍ସ ଘର ବିକିବା ପାଇଁ କହି ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଣେ ମହିଳା ଆସିଷ୍ଟାଂଟ ପ୍ରଫେସରଙ୍କୁ କୋଟିଏ ଟଙ୍କାରେ ଘର ବିକ୍ରି କରିବାକୁ କହିଥିଲେ । ଆସିଷ୍ଟାଂଟ ପ୍ରଫେସର ଏଥିରେ ରାଜି ହେବାରୁ ପ୍ରଥମେ ୨୫ ଲକ୍ଷ ଟଙ୍କାର ନଗଦ, ଏହାପରେ ବିଭିନ୍ନ ଆକାରରେ ମୋଟ୍ ୮୫ ଲକ୍ଷ ଟଙ୍କା ଦେଇଥିଲେ ।କିନ୍ତୁ ଟଙ୍କା ନେବା ପରେ ଅଜିତାଭ ଘର ଦେଇନଥିଲେ । ଏ ନେଇ ସଂପୃକ୍ତ ମହିଳା ଆସିଷ୍ଟାଂଟ ପ୍ରଫେସର ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ଆଜି ପୁଲିସ ଅଭିଯୁକ୍ତ ଅଜିତାଭ ମଲ୍ଲିକଙ୍କୁ ଗିରଫ କରିଛି ।

## ସାଂସଦ ପଦ ଯିବା ପରେ ପରେ ଏବେ ଘର ଛାଡିବାକୁ ନୋଟିସ୍

ନୂଆଦିଲ୍ଲୀ, ୨୭/୦୩ : ଲୋକସଭା ସାଂସଦ ପଦରୁ ଅଯୋଗ୍ୟ ଘୋଷିତ ହେବା ପରେ ଏବେ ଲୋକସଭା ଆବାସ ସମିତି ରାହୁଲ ଗାନ୍ଧୀଙ୍କୁ ନିଜ ସରକାରୀ ବଙ୍ଗଳା ଖାଲି କରିବାକୁ ନୋଟିସ୍ ଦେଇଛି । ନୋଟିସ୍ ମୁତାବକ ଆସନ୍ତା ଏପ୍ରିଲ ୨୨ ତାରିଖ ସୁଦ୍ଧା ରାହୁଲଙ୍କୁ ନିଜର ସରକାରୀ ଆବାସ ଖାଲି କରିବାକୁ ପଡିବ । ଶୁକ୍ରବାର ଲୋକସଭା ସଚିବାଳୟ ତରଫରୁ ବିଜ୍ଞପ୍ତି ଜାରି କରାଯିବା ସହିତ ରାହୁଲଙ୍କ ସଦସ୍ୟତା ରଦ୍ଦ ନେଇ ଘୋଷଣା କରାଯାଇଥିଲା । କେରଳର ୱାୟନାଡରୁ ସାଂସଦ ଥିବା ରାହୁଲଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ହେବା ପରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିଲା । ତେବେ ଏହାପରେ ଏବେ ରାହୁଲଙ୍କୁ ସରକାରୀ ଆବାସ ଖାଲି



କରିବାକୁ ନୋଟିସ୍ ଦିଆଯାଇଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୁରତର କୋର୍ଟ ମୋଦୀ ସରନେମକୁ ନେଇ ସଜା ଶୁଣାଇଥିଲେ । ଏଡ଼ି ମାନହାନୀ ମକଦ୍ଦମାରେ କୋର୍ଟ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨ ବର୍ଷ ପାଇଁ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ । ତେବେ ଏହାପରେ ଜନପ୍ରତିନିଧି ଆଇନ୍ ଅନୁସାରେ ରାହୁଲଙ୍କୁ ସଂସଦର ସଦସ୍ୟ ପଦକୁ ରଦ୍ଦ କରିଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, ରାହୁଲ ଗାନ୍ଧୀ ଏବେ ଲୁଟିୟନ୍ସ ଦିଲ୍ଲୀର ୧୨, ତୁଗଲକ ଲେନ୍ ସ୍ଥିତ ସରକାରୀ ବଙ୍ଗଳାରେ ରହୁଛନ୍ତି । ୨୦୦୪ରେ ରାହୁଲ ଗାନ୍ଧୀଙ୍କୁ ଏହି ସରକାରୀ ଆବାସ ଆବଣ୍ଟିତ କରାଯାଇଥିଲା । ଏବେ ଏହି ଘରକୁ ଖାଲି କରିବେ ରାହୁଲ ଗାନ୍ଧୀ ।

## ଓଆରଏଚଡିସି ଦୁର୍ନୀତି ମାମଲା: ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ



ଭୁବନେଶ୍ୱର, ୨୭/୦୩ (ନି.ପ୍ର): ଓଆରଏଚଡିସି ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ପୁଣି ୩ ବର୍ଷ ଜେଲ ସଜା ମିଳିଛି । ବିନୋଦଙ୍କୁ ୩ ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ଭିଜିଲାନ୍ସ କୋର୍ଟ । ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡର ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ବିନୋଦ କୁମାରଙ୍କ ସହ ୫ ଜଣଙ୍କୁ ଦଣ୍ଡାଦେଶ କରାଯାଇଛି । ବିନୋଦଙ୍କ ସହ ସିଏ ସ୍ୱସ୍ତି ରଂଜନ ମହାପାତ୍ର, ଆସିଷ୍ଟାଂଟ ଉମେଶ ସ୍ୱାଇଁ , ମ୍ୟାନେଜିଂ ପାର୍ଟନର ରଶ୍ମୀ ପଟ୍ଟନାୟକ ଓ ରତନ ସାହୁଙ୍କୁ ଦଣ୍ଡିତ କରାଯାଇଛି । ଜାଲ୍ କାଗଜପତ୍ରରେ ଘର ଦେବା ମାମଲା ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା ।

## ଚାଲି ପାରିଲାନି ଗୃହ, ଅପରାହ୍ଣ ୪ଟା ଯାଏ ଗୃହ ମୁଲତବୀ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର ଲୋକସଭାରୁ ସଦସ୍ୟତା ରଦ୍ଦ କରାଯିବା ପରେ ଏହାର ପ୍ରଭାବ ଓଡିଶା ବିଧାନସଭାରେ ମଧ ଦେଖିବାକୁ ମିଳିଛି । କଂଗ୍ରେସ ବିଧାୟକ ମାନେ କଳା ପୋଷାକ ପିନ୍ଧି ଆଜି ବିଧାନସଭାରେ ଆସିବା ପରେ ଏହି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଛନ୍ତି । ଏହି କାରଣରୁ ଆଜି ପ୍ରଥମାର୍ଦ୍ଧ ବୈଠକରେ କୌଣସି କାର୍ଯ୍ୟ ହୋଇ ପାରି ନାହିଁ । ପ୍ରଶ୍ନୋତର କାର୍ଯ୍ୟକ୍ରମ ଓ ଶୂନ୍ୟକାଳ ଆଦି ହୋଇ ପାରି ନାହିଁ । ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନକାଳରେ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ କରିବାରୁ ଅପରାହ୍ଣ ୪ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି । ଆଜି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ରାହୁଲ ଗାନ୍ଧୀଙ୍କ ସଦ୍ୟସତା ରଦ୍ଦ



ପ୍ରସଙ୍ଗରେ ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ପ୍ରତିବାଦ ଜଣାଇଥିଲେ । ସେମାନେ ଗୃହକୁ କଳା ପୋଷାକ ପିନ୍ଧି ଆସି ପ୍ରତିବାଦ ଜଣାଇଥିଲେ । ଗୃହ ଭିତରେ କଂଗ୍ରେସ ବିଧାୟକମାନେ ନାରାବାଜି ଓ ହୋ-ହଲ୍ଲା କରିଥିଲେ । ସେମାନେ ବାଚସ୍ପତିଙ୍କ ପୋଡିୟମ ତଳେ ଏକଜୁଟ୍ ହୋଇ ପ୍ରତିବାଦ କରିଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖ ସେମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ହେଲେ ତାଙ୍କର ଏହି ଅନୁରୋଧର କଂଗ୍ରେସ ବିଧାୟକ ମାନଙ୍କ ଉପରେ କୌଣସି ପ୍ରଭାବ ପଡି ନ ଥିଲା । ସେମାନେ ଗୃହ ମଧ ଭାଗକୁ ଯାଇ ମୋଦୀ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ଏହାଫଳରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେବାରେ ଲାଗିଥିଲା । ଫଳରେ ମଧ ସ୍ୱାଭାବିକ ଭାବେ ଚାଲି ପାରିନଥିଲା । କଂଗ୍ରେସ ବିଧାୟକଙ୍କ ଲଗାତାର ନାରାବାଜି କାରଣରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ଘୋଷରା କରିଥିଲେ ।

## ଆଜିଠୁ ୨ ଦିନ ଝଡ ବର୍ଷା ସମ୍ଭାବନା : ୨୯ରେ ଆଉ ଏକ ପଶ୍ଚିମା ଝଡ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ପଶ୍ଚିମା ଝଡ଼ ପ୍ରଭାବରେ ଆଜିଠୁ ଘଡ଼ଘଡ଼ି ବର୍ଷା ସହ ଝଡ଼ ପବନ ସମ୍ଭାବନା ରହିଛି । ଆଜି ଓ କାଲି ଘଡ଼ଘଡ଼ି ସହ ବର୍ଷା, ଝଡ଼ ପବନ ବହିପାରେ । ସେହିପରି ଆସନ୍ତା ୨୯ ତାରିଖରେ ଆଉ ଏକ ପଶ୍ଚିମା ଝଡ଼ ସୃଷ୍ଟି ହେବ । ଏହାର ପ୍ରଭାବରେ ୩୦ରେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶା ଏବଂ ୩୧ରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର



ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅପରପକ୍ଷରେ ସୋମବାର ଅପରାହ୍ନରେ ଭୁବନେଶ୍ୱର ଓ କଟକ ସମେତ ବିଭିନ୍ନ ସ୍ଥାନରେ ଝଡ ବର୍ଷା ଦେଖିବାକୁ ମିଳିଛି । ▶▶ପୃଷ୍ଠା ୭

## ଜେଲ ଗଲେ ସୁଧାଂଶୁ ରାଉତ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ଜେଲ୍ ଗଲେ ଠକ ସୁଧାଂଶୁ ରାଉତ । ନିଜକୁ ସାମ୍ବାଦିକ କହି ସୋସିଆଲ ମିଡିଆରେ ମିଛ ଖବର ପ୍ରସାରଣ କରୁଥିବା ସୁଧାଂଶୁଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । କନକ ନ୍ୟୁଜ ବିରୋଧରେ ମିଛ ଖବର ପ୍ରସାରଣ ସହ ଅଶାଳୀନ ମନ୍ତବ୍ୟ ଦେବା ଅଭିଯୋଗରେ ତାଙ୍କୁ ଗିରଫ କରିଥିଲା ପୋଲିସ । ଏହାପରେ ଭୁବନେଶ୍ୱର ଜେଏମ୍ଏଫସି ୩ ନମ୍ବର କୋର୍ଟରେ ସୁଧାଂଶୁଙ୍କୁ ହାଜର କରାଯାଇଥିଲା । ଜାମିନ୍ ନାମଞ୍ଜୁର ହେବାରୁ ଶେଷରେ ସୁଧାଂଶୁଙ୍କୁ ଜେଲ ଯିବାକୁ ପଡିଛି । ତେବେ ପୂର୍ବରୁ ମଧ ଦୂତୀ ଚାନ୍ଦଙ୍କ ବିରୋଧରେ ମିଛ ଖବର ପ୍ରସାରଣ କରି ୩ ମାସ ଝାରପଡା ଜେଲରେ ରହିଥିଲେ ସୁଧାଂଶୁ । ସୋସିଆଲ ମିଡିଆରେ ଉଦ୍ଦେଶ୍ୟମୂଳକ ଖବର ପ୍ରସାରଣ ଏବଂ ଅଶାଳୀନ ବ୍ୟବହାର ଅଭିଯୋଗରେ ସୁଧାଂଶଙ୍କୁ ଗିରଫ କରିଛି କମିଶନରେଟ ପୁଲିସ । ତେବେ ଗିରଫଦାରି ଭୟରେ ଭୁବନେଶ୍ୱର ଛାଡି କେନ୍ଦୁଝରରେ ▶▶ପୃଷ୍ଠା ୭

## ଚିନ୍ତା ବଢ଼ାଉଛି କରୋନାର ନୂଆ ଲହର: ୭ ଦିନରେ ୭୮% ସଂକ୍ରମଣ ବୃଦ୍ଧି

ନୂଆଦିଲ୍ଲୀ, ୨୭/୦୩ : ସମଗ୍ର ଦେଶରେ ଏବେ କରୋନା ସଂକ୍ରମଣ ମାମଲା ବଢ଼ିବାରେ ଲାଗିଛି । ଦିଲ୍ଲୀ, ମହାରାଷ୍ଟ୍ର, ଗୁଜରାଟ ସମେତ ଅନ୍ୟ ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ଗ୍ରାଫ ଲଗାତର ବଢ଼ିଚାଲିଛି । ସ୍ୱାସ୍ଥ୍ୟ ମନ୍ତ୍ରାଳୟ ରିପୋର୍ଟ ଅନୁସାରେ, ସଂକ୍ରମଣ ମାମଲା ସହ ମୃତ୍ୟୁ ସଂଖ୍ୟା ମଧ ବଢୁଛି । ଶନିବାର ଦେଶରେ ୧ହଜାର ୮୯୦ ମାମଲା ଚିହ୍ନଟ ହୋଇଥିଲା, ଯାହା ଗତ ୨୧୦ ଦିନରେ ସର୍ବାଧିକ । ଏମିତିକି ଗତ ୭ ଦିନରେ ସଂକ୍ରମଣ ହାର ୭୮ ପ୍ରତିଶତ ବୃଦ୍ଧି ପାଇଛି । ତେବେ ୨୪ ଘଂଟାରେ ଦେଶରେ ୧୮୦୫ ନୂଆ ମାମଲା ସାମ୍ନାକୁ ଆସିଛି । ଏହାସହ ପଜିଟିଭିଟି ହାର ୩.୧୯ ପ୍ରତିଶତକୁ ବୃଦ୍ଧି ପାଇଛି । ଦିନକୁ ଦିନ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଭାରତରେ ଏବେ ଆକ୍ଟିଭ୍ ମାମଲା ୧୦ହଜାର ଅତିକ୍ରମ କରିଛି । ରବିବାର ଏହି ସଂଖ୍ୟା ୯,୪୩୩ ଥିଲା ବେଳେ ଏବେ ଆକ୍ଟିଭ ମାମଲା ୧୦,୩୦୦ରେ ପହଂଚିଛି । ଯାହା ୧୩୪ ଦିନ ପରେ ସର୍ବାଧିକ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟର ରିପୋର୍ଟରୁ ଜଣାପଡ଼ିଛି । ସେହିପରି ଦେଶରେ ଆଉ ୬ ଜଣଙ୍କର କରୋନାଜନିତ ମୃତ୍ୟୁ ହୋଇଛି । ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୫,୩୦,୮୩୭ରେ ପହଂଚିଛି । ଉତର ପ୍ରଦେଶର ଲଖିମପୁର ଖିରୀ ଜିଲ୍ଲାରେ କରୋନା ବିସ୍ଫୋରଣ ଦେଖିବାକୁ ମିଳିଛି । ଏଠାକାର ଏକ ସ୍କୁଲରେ ୩୭ଜଣ ଛାତ୍ରଛାତ୍ରୀ ଓ ଜଣେ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ତେବେ ସଂକ୍ରମିତ ▶▶ପୃଷ୍ଠା ୭

## ଗଣତନ୍ତ୍ରକୁ ହତ୍ୟା କରାଯାଇଛି : ନରସିଂହ ମିଶ୍ର

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ରାହୁଲ ଗାନ୍ଧୀଙ୍କର ଲୋକସଭା ସଦସ୍ୟ ପଦକୁ ରଦ୍ଦ କରାଯାଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର । ବିଧାନସଭା ଅଚଳ ହେବା ପରେ ଗୃହ ବାହାରେ ସାମ୍ବାଦିକ ମାନଙ୍କୁ ସେ କହିଛନ୍ତି ଯେ ସୁଚିନ୍ତିତ ଷଡ଼ଯନ୍ତ୍ର କରି ରାହୁଲ ଗାନ୍ଧିଙ୍କୁ ଦଣ୍ଡିତ କରାଯାଇଛି ଓ ଲୋକସଭା ସାଂସଦ ସଦସ୍ୟ ପଦ ରଦ୍ଦ କରାଯାଇଛି । ଗଣତନ୍ତ୍ରର ପରମ୍ପରାକୁ ଜଳାଂଜଳି



ଦେଇ ଅତି ତରବରିଆ ଭାବେ ତାଙ୍କୁ ଦଣ୍ଡିତ କରାଯାଉଛି । ତେଣୁ ସାରା ଭାରତ ବର୍ଷରେ ପ୍ରତିବାଦ କରାଯାଉଛି । ▶▶ପୃଷ୍ଠା ୭

## ବିଧାନସଭାରେ ଓଡିଶା ଆପାର୍ଟମେଂଟ ବିଲ୍ ଉପସ୍ଥାପିତ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ସୋମବାର ବିଧାନସଭାରେ ଓଡିଶା ଆପାର୍ଟମେଂଟ (ମାଲିକାନା ଓ ପରିଚାଳନା) ବିଲ୍ ୨୦୨୩ ଉପସ୍ଥାପନ କରିଛନ୍ତି ।

# ବିଶ୍ୱବିଦ୍ୟାଳୟ ସୌରଚାଳିତ କେବେ ? ଯୋଜନାକୁ ୮ବର୍ଷ ବିତିଲାଣି, ଗୋଟିଏ କ୍ୟାମ୍ପସ ହୋଇନି

ଭୁବନେଶ୍ୱର , ୨୭/୦୩ (ନି.ପ୍ର): ସରକାରୀ କୋଠା, ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ କୋଠାରେ ସୌର ପ୍ୟାନେଲ ବସିବ। ସେଠାରୁ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇ କାର୍ଯ୍ୟାଳୟ ଚାଲିବ। ଅକ୍ଷୟ ଶକ୍ତିକୁ ବ୍ୟବହାର କରିବାକୁ ୨୦୧୬ରେ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଥିଲେ। ଏହି କ୍ରମରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ସମେତ ବ୍ରହ୍ମପୁର, କଟକ ଓ ବୁର୍ଲାସ୍ଥିତ ୩ଟି ଭେଷଜ ମହାବିଦ୍ୟାଳୟ ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଥିଲା। ୨୦୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏ ସମ୍ପର୍କରେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଇତିମଧ୍ୟରେ ୩ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। କାଁ ଭାଁ ଅଳ୍ପ କିଛି ଛାତରେ ପ୍ରକଳ୍ପ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଇନି। କଲେଜ କଥା ଦୂରେ ଥାଉ, ରାଜ୍ୟର କୌଣସି ଗୋଟିଏ ବି ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ଭାବେ ସୌରଶକ୍ତି ଚାଳିତ ହୋଇପାରିନାହିଁ। ୨୦୨୧ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଲାଗିଥିଲେ ମଧ୍ୟ ଆଜି ସୁଦ୍ଧା ତାହା ଗ୍ରିନ୍ କ୍ୟାମ୍ପସ୍ ହୋଇପାରିନାହିଁ।



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଘୋଷଣାରେ ଅଟକିଛି ସୌରଚାଳିତ ପ୍ରକଳ୍ପ। ଉତ୍କଳ ବିଶ୍ୱବିଦ୍ୟାଳୟ କଥା ମଧ୍ୟ ତଦ୍ରୂପ। ରାଜଧାନୀରେ ଏହି ବିଶ୍ୱବିଦ୍ୟାଳୟ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସୌରଚାଳିତ ହୋଇପାରିନି। ରାତିରେ କ୍ୟାମ୍ପସ ଆଲୋକୀକରଣ ଲାଗି ସୋଲାର ଲାଇଟ୍ ଲଗାଯାଇଛି। କିନ୍ତୁ ତାହା ମଧ୍ୟ ନଷ୍ଟ ହୋଇଗଲାଣି। ୨୦୧୬ରୁ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ଏଠାରେ ଯୋଜନା କରାଯାଇଥିଲେ ମଧ୍ୟ ତାହା କେବଳ ଘୋଷଣାରେ ଅଟକି ରହିଛି। ରେଭେନ୍ସା, ଫକୀର ମୋହନ, ବ୍ରହ୍ମପୁର, ରମାଦେବୀ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମଧ୍ୟ ସୌରଶକ୍ତି ବ୍ୟବସ୍ଥା ହୋଇନି। ବିଭାଗ ଅଧୀନରେ ୪୮ଟି ସରକାରୀ କଲେଜ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇନଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।

ଯୋଜନାର ୮ ବର୍ଷ ପରେ ଏବେ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନ କ୍ୟାମ୍ପସକୁ ସୌରଚାଳିତ କରିବାକୁ ବିଭାଗ ପୁଣିଥରେ ଅଣ୍ଟା ଭିଡ଼ିଛି। ବିଭାଗ ଅଧୀନ ୧୮ଟି ବିଶ୍ୱବିଦ୍ୟାଳୟ, ୪୮ଟି ସରକାରୀ ଡିଗ୍ରି କଲେଜ ଓ ୧୬ଟି ଶିକ୍ଷକ ତାଲିମ ପ୍ରତିଷ୍ଠାନ(ଟିଇଆଇ)ରେ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପନା ଲାଗି ଗ୍ରିନ୍ ଏନର୍ଜିଡେଭେଲପମେଣ୍ଟ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ୍(ଗିଡ୍‌କଲ୍)ର ସହାୟତା ଲୋଡ଼ିଛି ବିଭାଗ। ବିଭାଗ ପକ୍ଷରୁ କୁହାଯାଇଛି ଯେ ୧୮ଟି ବିଶ୍ୱବିଦ୍ୟାଳୟ ନିଜସ୍ୱ ବିଦ୍ୟୁତ୍ ଶକ୍ତି ମେଣ୍ଟାଇବା ଲାଗି ବହୁ ପରିମାଣରେ ରୁଫ୍‌ଟପ୍/ଗ୍ରାଉଣ୍ଡ ମାଉଣ୍ଟେଡ୍ ସୋଲାର ପ୍ୟାନେଲ ସ୍ଥାପନ କରିବାର ଆବଶ୍ୟକତା ରହିଛି। ସୋଲାର ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ବିଶ୍ୱବିଦ୍ୟାଳୟଗୁଡ଼ିକର ବିଜୁଳି ଚାପ କମିବା ସହ ଏ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥ ଅନ୍ୟାନ୍ୟ ବିକାଶ କାର୍ଯ୍ୟରେ ବିନିଯୋଗ ହୋଇପାରିବ। ତେଣୁ ବିଶ୍ୱବିଦ୍ୟାଳୟଗୁଡ଼ିକର ଆବଶ୍ୟକତାକୁ ନଜରରେ ରଖି ସୋଲାର ରୁଫ୍‌ଟପ୍ ପାୱାର ସିଷ୍ଟମ୍ ସ୍ଥାପନା ଦିଗରେ ପଦକ୍ଷେପ ନେବାକୁ ଗିଡ୍‌କଲ୍ ସିଇଓଙ୍କୁ ଅନୁରୋଧ କରିଛନ୍ତି। ଅନୁରୂପ ଭାବେ ୪୮ଟି ସରକାରୀ ଡିଗ୍ରି କଲେଜ ଓ ୧୬ଟି ଟିଇଆଇ ସମ୍ପର୍କରେ ମଧ୍ୟ ବିଭାଗୀୟ ଅତିରିକ୍ତ ସଚିବ ବିରେନ୍ଦ୍ର କୋରକୋରା ଚିଠି ଲେଖି ଗିଡ୍‌କଲ୍ ସିଇଓଙ୍କୁ ଅବଗତ କରାଇଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନର ବିଜୁଳି ବୋଝ କମାଇବାକୁ ଉଚ୍ଚଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଥିବା ବିଭାଗର ଜଣେ ଅଧିକାରୀ କହିଛନ୍ତି।

ସେପଟେ ଏବେ ସୁଦ୍ଧା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଲାଗି ବ୍ୟାଟେରି ଚାଳିତ ଯାନ ପ୍ରଚଳନ ହୋଇପାରିନାହିଁ। ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୨୭, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୮୭ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ୭୮ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଲାଗି କୌଣସି ସୁବିଧା କରାଯାଇନାହିଁ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୩୨ପିଲାଙ୍କ ଲାଗି ୨ଟି ହୁଇଲ୍ ଚେୟାର ବ୍ୟବସ୍ଥା ହୋଇଛି। ହେଲେ ଇ-ଭେଇକିଲ୍‌ର ସୁବିଧା ନାହିଁ। କେବଳ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୬ଜଣ ଦିବ୍ୟାଙ୍ଗ ପିଲାଙ୍କ ଲାଗି ୪ଟି ବ୍ୟାଟେରି ଚାଳିତ ଯାନ ଉପଲବ୍ଧ ରହିଛି।

# ଯାଦବ ମହା ସମାବେଶରେ ଯାଦବ ନେତାଙ୍କ ରଣ ହୁଙ୍କାର

କେନ୍ଦ୍ରାପଡ଼ା, ୨୭/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଯାଦବ ମହା ସଭାର ଏକ ଜିଲ୍ଲା ସ୍ତରୀୟ ମହା ସମ୍ମିଳନୀ ଇଛାପୁର ରଥଦାଣ୍ଡରେ ମାଉସୀ ମା ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯାଦବ ମହା ସଭାର ସଭାପତି ପ୍ରଭାକର ପଲାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ଯାଦବ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ଅଖିଳ ଭାରତୀୟ ଯାଦବ ମହାସଭା ର ସଭାପତି ଡ଼ଃ ସପନ କୁମାର ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉତ୍କଳ ଯାଦବ ମହାସଭାର ସଭାପତି ଆଶିର୍ବାଦ ବେହେରା, ବିଧାୟକ ଶଶି ଭୂଷଣ ବେହେରା, ମଧ୍ୟ ପ୍ରଦେଶର ସାଂସଦ ଡ଼ଃ କ୍ରୀଷ୍ଣାପାଲ ସିଂହ ଯାଦବ, ବିଗ୍ରେଡିୟର ପ୍ରଦୀପ ଯଦୁ, ଶ୍ରୀମତୀ ମଞ୍ଜୁ ଯଦୁ, ଇଂ ପ୍ରଦୀପ କୁମାର ବେହେରା, ପ୍ରଫୁଲ୍ଲ କୁମାର ଦାସ, ପିତାମ୍ବର ଦାସ, ସୁରଥ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସାଧାରଣ ସଂପାଦକ ଚିନ୍ମୟ ଦାସ କାର୍ଯ୍ୟକ୍ରମର ସୂଚନା ଦେବା ସହ ଜିଲ୍ଲା ସଭାପତି ପ୍ରଭାକର ପଲାଇ ଏହି ସମାବେଶ ଉପଲକ୍ଷେ ମହାମାନ୍ୟ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଠାଇଥିବା ଶୁଭେଚ୍ଛା ବାର୍ତ୍ତା ପଠନ କରି ସଫଳତା କାମନା କରିଥିଲେ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯାଦବ ସମାଜର ଅର୍ଥନୈତିକ ବିକାଶ, ରାଜନୈତିକ ଗୁରୁତ୍ୱ ଓ ଶିକ୍ଷା, ସ୍ୱାସ୍ଥ୍ୟ ଗତ ବିକାଶ ଉପରେ ଯାଦବ ନେତାମାନେ ବକ୍ତବ୍ୟ ରଖିବା ସହ ସମଗ୍ର ଦେଶରେ ୨୫ କୋଟି ଯାଦବଙ୍କର ସାମଗ୍ରିକ ସ୍ୱର ରାଜନୈତିକ କ୍ଷେତ୍ରରେ ପ୍ରତିଫଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ୨୦୨୪ ମସିହା ନିର୍ବାଚନର ବର୍ଷ ଥିବାରୁ ସମଗ୍ର ଦେଶରେ ଯାଦବଙ୍କର ସାଗଠନିକ ଶକ୍ତି ବୃଦ୍ଧି କରି ରାଜନୈତିକ କ୍ଷେତ୍ରରେ ସାମୁହିକ କଲ୍ୟାଣ ପାଇଁ ସ୍ୱର ଉତୋଳନ କରି ସଫଳତା ହାସଲ କରିବା ପାଇଁ ଦାବି ରଖାଯାଇ ଥିଲା । ଅହିର ରେଜିମେଣ୍ଟ ସ୍ଥାପନାର ଆବଶ୍ୟକତା ଉପରେ ବିଗ୍ରେଡିଅର ଯଦୁ ଓ ମଞ୍ଜୁ ଯଦୁ ବକ୍ତବ୍ୟ ରଖିଥିଲେ । ବିଧାୟ ଶଶି ଭୂଷଣ ବେହେରା ନିଜ ବକ୍ତବ୍ୟରେ ଓଡିଶାରେ ଯାଦବ ମହାସଭା ନେତୃତ୍ୱ ନେଇ ରାଜ୍ୟର ବିକାଶ ର ଜୟଯାତ୍ରା ସହିତ ଯୋଡିହେଲେ ରାଜ୍ୟ ଅଧିକ ବିକଶିତ ହୋଇ ପାରିବ ବୋଲି କହିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୧୫୦ ଗୋଶାଳା ଖୋଲିବା ପାଇଁ ନିଷ୍ପତି ନେଇଥିବା ଘୋଷଣା କରିଥିଲେ । ଏହା ସହ ଜିଲ୍ଲାରେ ଯାଦବ ଭବନ ନିର୍ମାଣ ପାଇଁ ବିଧାୟକ ଶ୍ରୀ ବେହେରା ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ସହ ଜମି ଯୋଗାଇ ଦେବାକୁ ସଭାରେ ଘୋଷଣା କରିଥିଲେ । ଜିଲ୍ଲାରେ ପ୍ରାୟ ୩ ଲକ୍ଷରୁ ଅଧିକ ଯାଦବ ରହିଥିବା ବେଳେ ସେମାନେ ନାନା ସମସ୍ୟା ମଧ୍ୟ ଦେଇ ଗତି କରୁଛନ୍ତି । ସେ ସବୁ ସମସ୍ୟା ଗୁଡିକ ସମାଧାନ ପାଇଁ ସରକାର ପଦକ୍ଷେପ ନେବା ସହିତ ଯାଦବ ମାନଙ୍କ ଶିକ୍ଷା ସ୍ୱାସ୍ଥ୍ୟ ଅର୍ଥିକ ସାମାଜିକ ବିକାଶ ପାଇଁ ଯତ୍ନବାନ ହେବା ଉଚିତ୍ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା । ଏହି ସମାବେଶରେ ମହାସଭା ପକ୍ଷରୁ ୧୦ ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଉମାକାନ୍ତ ଦାସ, ଧିର ପୃଷ୍ଟି, ମନୋଜ ପରିଡା, ଜିଲ୍ଲା ପ୍ରଭାରୀ ଗୀତା ଦାସ, କୁଳମଣି ଦାସ, ନାରାୟଣ ଦାସ, ସଚିବ ଚୌଧୁରୀ ରମାକାନ୍ତ ଦାସ, ରଞ୍ଜିତ ଦାସ, ଚିତ ରଞ୍ଜନ ଦାସ, ନବ କିଶୋର ଦାସ, ଅଜୟ ଦାସ, ବିରେନ୍ଦ୍ର ଦାସ, ଅନିତା ଯାଦବ, ମିନତୀ ଦାସ, ରଞ୍ଜିତ ଦାସ, ବିଶ୍ୱ ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ବିଜୟ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ସିମେଂଟ ବୋଝେଇ ଟ୍ରକ ଦୁର୍ଘଟଣା ଗ୍ରସ୍ତ

ଜୟପୁର , ୨୭/୦୩ (ନି.ପ୍ର): ସିମେଂଟ ବୋଝେଇ ଟ୍ରକ ଦୁର୍ଘଟଣା ଗସ୍ତ ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ପାତ୍ରପୁଟ ନିକଟରେ ଦୁର୍ଘଟଣା ଘଟିଛି । ସିମେଂଟ ବୋଝେଇ ହୋଇ ଜୟପୁର ଦେଇ ସେମିଳିଗୁଡା ଯାଉଥିବା ବେଳେ ଅପର ପକ୍ଷେ ଆସୁ ଥିବା ଗାଡିକୁ ସାଇଡକୁ ଦେବା ସମୟରେ ଗଛ ରେ ଲାଗି ୧୮ ଚକିଆ ସିମେଂଟ ବୋଝେଇ ଟ୍ରକ ଓଲଟି ପଡିଛି । ଘଟଣା ସ୍ଥଳରେ ଜୟପୁର ସଦର ପୋଲିସ ପହଂଚି ତଦନ୍ତ କରୁଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

## ମର୍ଜିତାପୁରଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ଧର୍ମଶାଳା, ୨୭/୦୩ (ନି.ପ୍ର): ଗ୍ରୀଷ୍ମ ପ୍ରବାହରେ ରାଜ୍ୟରେ ରକ୍ତର ଘୋର ଅଭାବ ଦେଖା ଦେଇଛି। ଫଳରେ ରୋଗୀମାନେ ରକ୍ତ ନ ପାଇ ବିପଦ ମୁଖରେ ପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ଧର୍ମଶାଳା ବ୍ଲକ ମର୍ଜିତାପୁରସ୍ଥିତ ହିଙ୍ଗୁଳା ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଂଚଳର ଯୁବ ସ୍ୱେଚ୍ଛାସେବୀ ମନୋଜ କୁମାର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯାଜପୁର ସଚେତନ ନାଗରିକ ମଂଚ ଅନୁକୂଲ୍ୟରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସଚେତନ ନାଗରିକ ମଂଚ ସଭାପତି ସରୋଜ କୁମାର ବେହେରାଙ୍କ ତତ୍ୱଧାନରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ, ଯୁବ ସଂଗଠକମାନେ ଯୋଗ ଦେଇ ସ୍ୱେଚ୍ଛାକୃତ ଭାବେ ରାକ୍ତଦାନ କରିଥିଲେ । କଟକ ରେଡକ୍ରସ ତରଫରୁ ଅଭିଜ୍ଞ ଡାକ୍ତର ଯୋଗ ଦେଇ ରକ୍ତ ସଂଗୃହିତ କରିଥିଲେ। କାଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ସାମାଜିକ କର୍ମୀ ଓ ସାମ୍ବାଦିକମାନେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# କେବେ ସ୍ୱୟଂସମ୍ପୂର୍ଣ୍ଣ ହେବ ଶିଶୁଭବନ ?

କଟକ , ୨୭/୦୩ (ନି.ପ୍ର): ସାରା ରାଜ୍ୟର ଶିଶୁରୋଗୀଙ୍କ ଚିକିତ୍ସାର ଶ୍ରେଷ୍ଠ ରେଫେରାଲ୍ ପ୍ରତିଷ୍ଠାନ ହେଉଛି କଟକର ଶିଶୁଭବନ। ଅନ୍ୟ ସବୁଠାରୁ ନିରାଶ ହେଲେ ଶିଶୁରୋଗୀମାନଙ୍କୁ ଏଠାକୁ ପଠାଯାଇଥାଏ। ହେଲେ, ଏଯାଏ ଶିଶୁଭବନ ନିଜେ ସ୍ୱୟଂସମ୍ପୂର୍ଣ୍ଣ ହୋଇ ପାରୁ ନଥିବା ବେଳେ ସାରା ରାଜ୍ୟର ଶିଶୁଙ୍କୁ କେମିତି ସେବା ଯୋଗାଇବ, ତାକୁ ନେଇ ପ୍ରଶ୍ନ ଉଠିଲାଣି। ଶିଶୁଭବନରେ ଥିବା ମାତ୍ର ୨୧ଟି ଆଇସିୟୁ ଶଯ୍ୟା ଭରସାରେ ସାରା ରାଜ୍ୟର ଶିଶୁ ରୋଗୀ। ରକ୍ତଭଣ୍ଡାର, ରକ୍ତ ସଂରକ୍ଷଣ ୟୁନିଟ୍ ବି ନାହିଁ। ନବଜାତକ ଶିଶୁଙ୍କ ପାଇଁ ମାତ୍ର ୪୮ଟି ଏସ୍‌ଏନ୍‌ସିୟୁ ଥିବାବେଳେ ଗୋଟିଏଲେଖାଏ ଏସ୍‌ଏନ୍‌ସିୟୁରେ ୨/୩ଜଣ ଶିଶୁଙ୍କୁ ରଖାଯାଉଛି। ଆଜି ପର୍ଯ୍ୟନ୍ତ ନ୍ୟୁରୋଲୋଜି, କାର୍ଡିଓଲୋଜି, ଅର୍ଥୋପେଡିକ୍ ଓ ମାନସିକ ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଖୋଲି ପାରିଲାନି। ଏଥିପାଇଁ କଟକ ବଡ଼ ଡାକ୍ତରଖାନା ଉପରେ ଶିଶୁଭବନର ରୋଗୀ ନିର୍ଭରଶୀଳ। ଏପରିକି ଏସ୍‌ସିବି ନେଫ୍ରୋଲୋଜି ବିଭାଗ ପ୍ରତି ଶନିବାର ଶିଶୁଭବନରେ ଓପିଡି କରୁଛି। ପ୍ରତିଦିନ ଆଇସିୟୁ ଅପେକ୍ଷାରେ ଅନେକ ରୋଗୀ ଘରୋଇ ହସ୍ପିଟାଲକୁ ଯାଉଛନ୍ତି। ସେପଟେ ଘରୋଇ ହସ୍ପିଟାଲ୍‌କୁ ନେବା ପାଇଁ ଶିଶୁଭବନରେ ଜଗି ବସିଛନ୍ତି ଦଲାଲ୍। ଶିଶୁଭବନ ସମସ୍ୟାର ଭରପୁର ଲାଭ ଉଠାଉଛନ୍ତି ଏହି ଦଲାଲ୍‌ମାନେ।




ସୂଚନା ଅନୁସାରେ, କଟକ ଶିଶୁଭବନରେ ରହିଛି ୪୧୬ଟି ସାଧାରଣ ବେଡ୍, ୧୨ଟି ପେଡିଆଟ୍ରିକ୍ ଇଣ୍ଟେନସିଭ୍ କେୟାର ୟୁନିଟ୍, ୯ଟି ନିଓନାଟାଲ ଇଣ୍ଟେନସିଭ୍ କେୟାର ୟୁନିଟ୍, ୪୮ଟି ନବଜାତ ଶିଶୁଙ୍କ ପାଇଁ ଏନ୍‌ଏନ୍‌ସିୟୁ ରହିଛି। ହେଲେ, ଏ ସବୁ ଶିଶଉରୋଗୀଙ୍କ ପାଇଁ ଯଥେଷ୍ଟ ହେଉନି। ପ୍ରତିଦିନ ୬ଶହରୁ ଅଧିକ ଶିଶୁରୋଗୀ ଶିଶୁଭବନ ଓପିଡିକୁ ଆସୁଥିବାବେଳେ ପାଖାପାଖି ୭୦ ଜଣ ଚିକିତ୍ସା ପାଇଁ ଭର୍ତ୍ତି ହେଉଛନ୍ତି। ୨୧ଟି ଆଇସିୟୁ ବେଡ୍ ଥିବାରୁ ପ୍ରତିଦିନ ଠେଲାପେଲା ଲାଗି ରହୁଛି। କେହି ଜଣେ ରୋଗୀ ଡିସ୍‌ଚାର୍ଜ ହେଲେ ଅବା ଆରପାରିକୁ ଗଲେ ବି ଅନ୍ୟଜଣଙ୍କୁ ଭର୍ତ୍ତି ହେବାର ସୁଯୋଗ ମିଳୁଛି। ନଚେତ୍ ସେ ପର୍ଯ୍ୟନ୍ତ ଗୁରୁତର ଶିଶୁ ରୋଗୀ ସାଧାରଣ ୱାର୍ଡରେ ପଡ଼ି ରହୁଛନ୍ତି କିମ୍ବା ଘରୋଇ ହସପିଟାଲ୍‌ରେ ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛନ୍ତି। ଅନେକ କ୍ଷେତ୍ରରେ ଅନେକ ମୂଲ୍ୟବାନ ଜୀବନ ଚାଲିଯାଉଛି। କେବଳ ସେତିକି ନୁହେଁ, ରକ୍ତଭଣ୍ଡାର ନଥିବାରୁ ଅତି ଗୁରୁତର ରୋଗୀଙ୍କ କ୍ଷେତ୍ରରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ରୋଗୀ ସଂପର୍କୀୟ। ଏଠାରେ କେବଳ ୫୦ଏମ୍‌ଏଲ୍ ପ୍ୟାକେଟ ରକ୍ତ କିଛି ଗଚ୍ଛିତ ରହୁଥିବାରୁ ଅଳ୍ପ କେତେଜଣ ପାଇ ପାରୁଛନ୍ତି। ଯେଉଁ ଶିଶୁରୋଗୀଙ୍କ ଓଜନ ୧୫କେଜିରୁ ଅଧିକ ସେମାନଙ୍କ ପାଇଁ ୩ଶହ ଏମ୍‌ଏଲ୍ ରକ୍ତ ପ୍ୟାକେଟ୍ ଦରକାର। ସେହିଭଳି ଥାଲୋସେମିଆ, ସିକିଲ୍‌ସେମିଆ ରୋଗୀ ଅଧିକ ଆସୁଥିବାରୁ ସେମାନେ ଶିଶୁଭବନରୁ ଅଟୋ ଭଡା କରି ଏସ୍‌ସିବ ଅଥବା ରେଡକ୍ରସ୍ ଯାଉଛନ୍ତି ରକ୍ତ ଆଣିବା ପାଇଁ।

ଏପଟେ ନବଜାତକ ଶିଶୁଙ୍କ ପାଇଁ ଥିବା ୪୮ଟି ଏସ୍‌ଏନ୍‌ସିୟୁ ଯଥେଷ୍ଟ ହେଉନି। ଫଳରେ ଗୋଟିଏ ଲେଖାଏରେ ୨/୩ଜଣ ନବଜାତକଙ୍କୁ ବାଧ ହୋଇ ରଖାଯାଉଛି। ଏଥିରେ ସଂକ୍ରମଣର ଆଶଙ୍କା ଥିଲେ ବି ଅନ୍ୟ କିଛି ଚାରା ନଥିବାରୁ କର୍ତ୍ତୃପକ୍ଷ ବାଧହୋଇ ଏକାଠି ରଖୁଛନ୍ତି। ଆଇସିୟୁ ବେଡ୍ ସମସ୍ୟା ଦୂର କରିବା ପାଇଁ ଆରମ୍ଭ ହୋଇଥିବା ପେଡିଆଟ୍ରିକ୍ ଆଇସିୟୁ ବ୍ୟବସ୍ଥା ଡାକ୍ତର ଓ ଆବଶ୍ୟକୀୟ କର୍ମଚାରୀ ଅଭାବରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନି। ଶିଶୁଭବନର ବେଡ୍ ସଂଖ୍ୟା ୬ଶହକୁ ବୃଦ୍ଧି ପାଇଁ ଯୋଜନା ରହିଥିଲେ ବି ଆଇସିୟୁ ବେଡ୍ ସଂଖ୍ୟା ବୃଦ୍ଧି କରା ନଗଲେ ସ୍ଥିତି ଆହୁରି ବିଗିଡିଯିବ। କୋଭିଡ୍ ସମୟରେ ଯେଉଁ ୨୦ଟି ଆଇସିୟୁ ରହିଥିଲା ସେଗୁଡ଼ିକୁ ବ୍ୟବହାର କରିଲେ ବି ଅଭାବ ଦୂର ହେଉନି। ରାଜ୍ୟ ସରକାର ବିଶ୍ୱସ୍ତରୀୟ ଏସ୍‌ସିବି ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଶିଶୁଭବନକୁ ସ୍ୱୟଂସମ୍ପୂର୍ଣ୍ଣ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

## ଓଡ଼ିଶା ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲାର ନୂତନ କମିଟି ଗଠନ

ଜୟପୁର, ୨୭/୦୩ (ନି.ପ୍ର): ପୂର୍ବତନ ସଭାପତି ଓଡିଶା ଅମଲା ସଂଘ ଜୟପୁର ଉପଖଣ୍ଡ ଶାଖା ଶଶିଭୂଷଣ ଦାଶ ଓଡିଶା ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ସଭାପତି ମନୋନୀତ ହୋଇଛନ୍ତି। ଆଜି କୋରାପୁଟ ଜିଲ୍ଲାର ବିଭିନ୍ନ ବିଭାଗର ଅମଲା ମାନଙ୍କୁ ନେଇ ଏକ ମିଳିତ ଅମଲା ମଂଚ ବୈଠକ କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଶଶିଭୂଷଣ ଦାଶ ସଭାପତି ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ରାଜସ୍ୱ ବିଭାଗ, କୋଷାଧକ୍ଷ ବିଭାଗ ଓ ନିବନ୍ଧକ ବିଭାଗ ସମେତ ୩୨ ଟି ବିଭାଗର ଶତାଧିକ ଅମଲା ମାନେ ବୈଠକରେ ଯୋଗଦାନ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତି ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସୁନାକର ରାଉତ, ରାଜ୍ୟ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ରାଜସ୍ୱ ଅମଲା ସଂଘ ପ୍ରସନ୍ନ କୁମାର ନାୟକ, କୋରାପୁଟ ଜିଲ୍ଲା ରାଜସ୍ୱ ଅମଲା ସଂଘ ସଭାପତି ମନୋଜ କୁମାର ବାରିକ୍ ଓ କୋରାପୁଟ ଜିଲ୍ଲା ରାଜସ୍ୱ ଅମଲା ସଂଘ ସମ୍ପାଦକ ନିତ୍ୟାନନ୍ଦ ଭତରା ପ୍ରମୁଖ ଯୋଗଦାନ କରିବା ସହିତ ନିଜ ନିଜର ମତବ୍ୟକ୍ତ କରିଥିଲେ। ରାଜ୍ୟ ମିଳିତ ଅମଲା ମଂଚରେ ଆହ୍ୱାନ କ୍ରମେ ମିଳିତ ଅମଲା ମଂଚର କମିଟି ଗଠନ କରା ଯାଇଥିଲା। ସର୍ବସମ୍ମତିକ୍ରମେ ସୁନାକର ରାଉତଙ୍କୁ ମୁଖ୍ୟ ଉପଦେଷ୍ଟା, ମନୋଜ କୁମାର ବାରିକଙ୍କୁ ଉପଦେଷ୍ଟା, ପ୍ରସନ୍ନ କୁମାର ନାୟକଙ୍କୁ ଅଧକ୍ଷ, ନିତ୍ୟାନନ୍ଦ ଭତରାଙ୍କୁ ସମ୍ପାଦକ, ରାଜିବ ଲୋଚନ ପ୍ରଧାନଙ୍କୁ କୋଷାଧକ୍ଷ, ସୌମେନ୍ଦ୍ର ବେଉରାଙ୍କୁ ମିଡିଆ ସମ୍ପାଦକ ଭାବରେ ଚୟନ କରିଥିବା ସ୍ଥଳେ ଶଶୀଭୂଷଣ ଦାଶଙ୍କୁ ସଭାପତି ଭାବରେ ଚୟନ କରିଥିଲେ। ଅମଲା ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ ପେ ଦାବିରେ ଅମଲା ସଂଘ ଅଟଳ। ସରକାର ଶିଘ୍ର ଯଦି ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତାହେଲେ ଆଗାମି ଦିନରେ ଆନ୍ଦୋଳନ ଜୋରଦାର ହେବା ନେଇ ସମସ୍ତ ଉପସ୍ଥିତ ସଦସ୍ୟ ମତବ୍ୟକ୍ତ କରିଥିଲେ।

## ଚାଷ ଯନ୍ତ୍ରପାତି ଯୋଗାଇବା ନାଁରେ ଚାଷୀଙ୍କଠାରୁ ଟଙ୍କା ଲୁଟ୍ ଅଭିଯୋଗ: ଠକ ଗିରଫ

ସୁବର୍ଣ୍ଣପୁର, ୨୭/୦୩ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ପୋଲିସ ସମ୍ବଲପୁର ଜିଲ୍ଲା ସିନ୍ଦୁରପଙ୍କ ଗାଁରୁ ଜଣେ ଠକ ବ୍ୟବସାୟୀଙ୍କୁ ଗିରଫ କରିଛି । ବାବୁଲାଲ ଛନ୍ଦ ନାମକ ଏହି ବ୍ୟକ୍ତି ସମ୍ବଲପୁର ଜିଲ୍ଲା ସିନ୍ଦୁରପଙ୍କ ଗାଁରେ ପଶ୍ଚିମ ଓଡିଶା ଏଗ୍ରୋ ହାରଭେଷ୍ଟାର ଓ ରେରକୃଷି ଯନ୍ତ୍ରପାତି ଏଜେନ୍ସି ଖୋଲି ଚାଷୀ ମାନଙ୍କ ପାଖରୁ ବିପୁଳ ପରିମାଣରେ ଟଙ୍କା ଠକି ନେଉଥିବା ଅଭିଯୋଗ ହୋଇଥିଲା। ଜିଲ୍ଲାର ବିରମହରାଜପୁର ଉପଖଣ୍ଡର ଡୁଙ୍ଗୁରି ଗାଁର ରଂଜିତ କୁମାର ଦାସଙ୍କ ପାଖରୁ ସାଢ଼େ ବାଇଶି ଲକ୍ଷ ଟଙ୍କା କୁବୁଟା ହାରଭେଷ୍ଟର ଦେବା ନାଁରେ ବ୍ୟବସାୟୀ ବାବୁଲାଲ ଠକି ନେଇଥିବା ସୁବଳୟା ଥାନାରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତି କରି ପୋଲିସ ବାବୁଲାଲ ସାଢେ ତିନି ଲକ୍ଷ ଟଙ୍କା ନଗଦ ଓ ୧୯ ଲକ୍ଷ ୟୁକୋ ବ୍ୟାଙ୍କ ସୋନପୁରରୁ ଚେକ ମାଧ୍ୟମରେ ରଞ୍ଜିତଙ୍କ ପାଖରୁ ଠକି ନେଇଥିବା ଜାଣିବାକୁ ପାଇଥିଲେ। ଗତ ବର୍ଷ ଜୁନ ମାସରେ ଦିନେ ରାତି ୧୧ଟା ସମୟରେ ବାବୁଲାଲ ଏକ ଚାଇନିଜ କମ୍ପାନୀ ଏଗ୍ରିଓନାର ହାରଭେଷ୍ଟର ଆଣି ରଞ୍ଜିତଙ୍କୁ ଘରେ ଦେଇଥିଲେ। ହେଲେ ସେହି ଯନ୍ତ୍ର ଠିକ ଭାବେ ଚାଲୁ ନଥିବାରୁ ତାକୁ ରଞ୍ଜିତ ରଖି ନ ଥିଲେ ଓ କୁବୁଟା କମ୍ପାନୀର ହାରଭେଷ୍ଟର ଦେବା ପାଇଁ ବାବୁଲାଲଙ୍କୁ କହିଥିଲେ। ଫଳରେ ବାବୁଲାଲ ଆଣିଥିବା ଚାଇନିଜ କମ୍ପାନୀର ହାରଭେଷ୍ଟରଟିକୁ ଫେରେଇ ନେଇଥିଲେ। ସେହି ଦିନ ଠାରୁ ବାବୁଲାଲ ରଞ୍ଜିତକୁ ଆଉ ଧରାଛୁଆଁ ଦେଉ ନ ଥିଲେ କି ଟଙ୍କା ଫେରାଉ ନ ଥିଲେ । ବାବୁଲାଲଙ୍କ ଏପରି କାର୍ଯ୍ୟରେ ରଞ୍ଜିତ ଅତିଷ୍ଠ ହୋଇ ସ୍ଥାନୀୟ ସୁବଳୟା ଥାନାରେ ବାବୁଲାଲଙ୍କ ନାଁରେ ଟଙ୍କା ଠକି ନେଇଥିବା ଲିଖିତ ଅଭିଯୋଗ କରିଥିଲେ। ବାବୁଲାଲ ସୋନପୁର ଅଂଚଳରେ ଆଉ ଜଣେ ଚାଷୀଙ୍କୁ ମଧ୍ୟ ଠକିଥିବା ପୋଲିସ ଜାଣିବାକୁ ପାଇଛି । ଜିଲ୍ଲାର ବିରମହରାଜପୁର ଅଂଚଳରୁ ଏକ ଓସାଗା ହାରଭେଷ୍ଟର ଓ ବାବୁଲାଲଙ୍କ କହିବା ଅନୁଯାୟୀ ସୋର ଅଂଚଳରୁ ରଞ୍ଜିତ ପାଇଁ ଆସିଥିବା ହାରଭେଷ୍ଟର ଜବତ କରି ଅଭିଯୁକ୍ତ ବାବୁଲାଲକୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ। ଆଉ ମଧ ବାବୁଲାଲ ବରଗଡ଼, ବୌଦ୍ଧ, ଝାରସୁଗୁଡା ଓ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଚାଷୀଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ ଦେବା ନାଁରେ ଠକିଥିବା ପୋଲିସ ଅନୁମାନ କରୁଛି । ତେବେ ନିରୀହ ଚାଷୀ ମାନେ ଏପରି ଠକଙ୍କ ହାବୁଡରେ ନ ପଡି ଆବଶ୍ୟକ ତଥ୍ୟ ସଂଗ୍ରହ ପରେ ଦାମିକିଆ ଯନ୍ତ୍ରପାତି କିଣିବା ପାଇଁ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନୁରୋଧ କରିଛନ୍ତି।

## ୧୪.୨ ପ୍ରତିଶତ ମହିଳା ପୁଲିସଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନାହିଁ

ଭୁବନେଶ୍ୱର , ୨୭/୦୩ (ନି.ପ୍ର): ରାଜ୍ୟରେ ୧୪.୨ ପ୍ରତିଶତ ମହିଳା ପୁଲିସଙ୍କ ପାଇଁ ନିଜ ଥାନାରେ ସ୍ୱତନ୍ତ୍ର ଭାବରେ ଶୌଚାଳୟ ନାହିଁ। ୨୧.୬ ପ୍ରତିଶତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମ କକ୍ଷ ନାହିଁ। ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟଗତ କାରଣରୁ ପ୍ରତ୍ୟେକ ଥାନାରେ ମହିଳା ପୁଲିସଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ସହିତ ନିର୍ମଳ ଏବଂ ନିରାପଦ ପାନୀୟ ଜଳ ବ୍ୟବସ୍ଥା ରହିବା ଉଚିତ। ମହିଳା ପୁଲିସ କର୍ମଚାରୀଙ୍କ ଚ୍ୟାଲେଞ୍ଜକୁ ନେଇ ସାମାଜିକ ଅନୁଷ୍ଠାନ ସିଏସ୍‌ଏନ୍‌ଆର ପକ୍ଷରୁ ପ୍ରସ୍ତୁତ ଅଧ୍ୟୟନ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ସହିତ ଗୁରୁତ୍ୱପୂର୍ଣ୍ଣ ସୁପାରିସ ଦିଆଯାଇଛି। ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ବିହାରର ମହିଳା ପୁଲିସ କର୍ମଚାରୀଙ୍କୁ ନେଇ ପ୍ରସ୍ତୁତ ସର୍ଭେ ରିପୋର୍ଟ ଭୁବନେଶ୍ୱରସ୍ଥିତ ଏନବିଏମ୍ କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ଆୟୋଜିତ କର୍ମଶାଳାରେ ମହିଳା ଆୟୋଗ ଅଧକ୍ଷା ମିନତି ବେହେରା, ଅବସରପ୍ରାପ୍ତ ଆଇପିଏସ ଅଧିକାରୀ ମନମୋହନ ପ୍ରହରାଜ, ଅବସରପ୍ରାପ୍ତ ଆଇପିଏସ ଗୌରୀଶଙ୍କର ରଥ, ଉତ୍କଳ ପ୍ରସଙ୍ଗ ସମ୍ପାଦକ କସ୍ତୁରୀ ମହାପାତ୍ର, ଆଇନଜୀବୀ ସୁଜାତା ଜେନା, ନାଓର ବିଶାଖା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ମଣିପାଲ ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ସୁସ୍ମିତା ପରିଜାଙ୍କ ଦ୍ୱାରା ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ବିଭିନ୍ନ ବର୍ଗର ୩୨୮ ମହିଳା ପୁଲିସଙ୍କୁ ନେଇ ପ୍ରସ୍ତୁତ ଏହି ରିପୋର୍ଟ ଅନୁଯାୟୀ, ସର୍ବାଧିକ ଅର୍ଥାତ ୬୩ ପ୍ରତିଶତ ମହିଳା ପୁଲିସ ୧ରୁ ୧୦ ବର୍ଷ ନିଜ ସେବା ଦେଇଥାଆନ୍ତି। ୨୬.୮୩ ପ୍ରତିଶତ ୧୧ରୁ ୨୦ ବର୍ଷ, ୭ ପ୍ରତିଶତ ୨୧ରୁ ୩୦ ବର୍ଷ ଏବଂ



୨.୪୪ ପ୍ରତିଶତ ୩୦ ବର୍ଷରୁ ଅଧିକ ସମୟ ସେବା ଦେଇଥାଆନ୍ତି। ରାଜ୍ୟରେ କୌଣସି ପୁଲିସଙ୍କ ସାପ୍ତାହିକ ଛୁଟି ନାହିଁ। କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏହାର ନିତ୍ୟାନ୍ତ ଆବଶ୍ୟକତା ରହିଛି। ସର୍ବଭାରତୀୟ ଛୁଟି ନିୟମ ୧୯୫୫ ଅନୁଯାୟୀ, ଜଣେ ମହିଳା ପୁଲିସଙ୍କୁ ଶିଶୁ ଯତ୍ନ ପାଇଁ ଛୁଟି ପ୍ରଦାନର ନିୟମ ରହିଛି। ମାତ୍ର ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ରାଜ୍ୟରେ ପୁଲିସ ସେବାରେ ମଧ୍ୟ ଚୁକ୍ତିଭିତ୍ତିକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି, ଯାହା ଅନୁକୂଳ ଧାରା ନୁହେଁ ବୋଲି ରିପୋର୍ଟରେ କୁହାଯାଇଛି। ଏହା ସହିତ ବିଭିନ୍ନ ପ୍ରସଙ୍ଗ ନେଇ ୪ ରାଜ୍ୟର ମହିଳା ପୁଲିସଙ୍କ ସ୍ଥିତିକୁ ତୁଳନାତ୍ମକ ଚିତ୍ର ରହିଛି।

# କେଉଁଠାରୁ ଏବଂ କିପରି ହୋଇଥିଲା ଶିବଲିଙ୍ଗର ଉତ୍ପତ୍ତି ?

## ଜାଣନ୍ତୁ ଭଗବାନ ଶିବଙ୍କ ସହ ଜଡିତ ଏହି ରହସ୍ୟ



ହିନ୍ଦୁ ଧର୍ମରେ କାଇଁ କେଉଁ କାଳରୁ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଗଭିର ସମ୍ପର୍କ ରହି ଆସିଛି । ଯାହାଫଳରେ ଭକ୍ତ ସର୍ବଦା ଭଗବାନଙ୍କ ଅଲୌକିକ ଗାଥା ଏବଂ ତାଙ୍କର ବିଭିନ୍ନ ରହସ୍ୟ ବିଷୟରେ ଜାଣିବାକୁ ଇଚ୍ଛା ପ୍ରକାଶ କରେ । ତେବେ ଆମେ ଆଜି ଆପଣଙ୍କ ଭଗବାନ ଶିବଙ୍କ ଲିଙ୍ଗ ରୂପ କିପରି ଏବଂ କେଉଁଠୁ ଉତ୍ପତ୍ତି ହୋଇଥିଲା ସେହି ବିଷୟରେ ଜଣାଇବାକୁ ଯାଉଛୁ । ଯାହାକି ଅନେକ ଭକ୍ତମନରେ ଏକ ପ୍ରଶ୍ନବାଚି ସୃଷ୍ଟି କରେ । ବର୍ତ୍ତମାନ ଆସନ୍ତୁ ଜାଣିବା ଭାଗବାନ ଶିବଙ୍କ ସହ ଜଡିତ କିଛି ରହସ୍ୟ ବିଷୟରେ...



### କପିର ହୋଇଥିଲା ଶିବ ଲିଙ୍ଗର ଉତ୍ପତ୍ତି :

ହିନ୍ଦୁ ଧର୍ମରେ ଭଗବାନ ଶିବ ଏବଂ ଶିବଲିଙ୍ଗଙ୍କ ମୂର୍ତ୍ତି ପୂଜା କରିବାର ଏକ ନିୟମ ଅଛି । କୁହାଯାଏ ଯେ ଯଦି କୌଣସି ଭକ୍ତ ଭଗବାନ ଶିବଙ୍କୁ ପ୍ରକୃତ ଭକ୍ତି ସହିତ ପୂଜା , ଆରାଧନା କରେ ତାଙ୍କର ସମସ୍ତ ଇଚ୍ଛା ପୂରଣ ହୁଏ । ଏଥିସହିତ ସେମାନଙ୍କୁ ସ୍ୱର୍ଗ ପ୍ରାପ୍ତି ହୋଇଥାଏ । ସେହିପରି ଧାର୍ମିକ ଶାସ୍ତ୍ରରେ ମଧ ଶିବଲିଙ୍ଗଙ୍କ ମହତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହାକି ଭଗବାନ ଶିବଙ୍କ ଏକ ରହସ୍ୟ ସହ ଜଡିତ । ତେବେ କିମ୍ବଦନ୍ତୀ ଅନୁଯାୟୀ, ବ୍ରହ୍ମାଣ୍ଡ ସୃଷ୍ଟି ହେବା ପରେ ଭଗବାନ ବିଷ୍ଣୁ ଏବଂ ବ୍ରହ୍ମାଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଉଭୟ ନିଜକୁ ସବୁଠାରୁ ଶକ୍ତିଶାଳୀ ବୋଲି ପ୍ରମାଣ କରିବାରେ ବ୍ୟସ୍ତ ଥିଲେ । ଫଳରେ ସଂସାରର ସନ୍ତୁଳନ ବିଗିଡିବାର ଲାଗିଲା । ଯାହାକୁ ଦେଖି ଭଗବାନ ଶିବ ଏକ ଉପାୟ ଚିନ୍ତା କଲେ ଏବଂ ଠିକ୍ ସମୟରେ ଆକାଶରେ ଏକ ଉଜ୍ଜ୍ୱଳ ପଥର ସୃଷ୍ଟି କଲେ । ଏଥିସହିତ ଏକ ଶୂନ୍ୟବାଣୀ ହେଲା ଯେ ଯିଏ ଏହି ପଥରର ଅନ୍ତ ପାଇବ ସେ ଅଧିକ ଶକ୍ତିଶାଳୀ ବିବେଚିତ ହେବ । ବିଶ୍ୱାସ କରାଯାଏ ଯେ ସେହି ପଥରଟି ଶିବଲିଙ୍ଗ ଥିଲା ।

ତେବେ ଏହି ଶୂନ୍ୟବାଣୀ ପରେ ପଥର ଅନ୍ତ ଖୋଜିବା ପାଇଁ ଉଭୟ ଦେବତା ବ୍ରହ୍ମା ଏବଂ ବିଷ୍ଣୁ ଜଣେ ସ୍ୱର୍ଗ ଏବଂ ଜଣେ ମର୍ତ୍ତ୍ୟରେ ପହଞ୍ଚିଲେ । କିନ୍ତୁ ସମସ୍ତ ପ୍ରୟାସ ପରେ ମଧ ସେହି ପଥରର ଅନ୍ତ ପାଇ ପାରିଲେ ନାହିଁ । ଫଳରେ ଶେଷରେ ବାଧ ହୋଇ ଭଗବାନ ବିଷ୍ଣୁ ପରାଜୟ ଗ୍ରହଣ କଲେ । କିନ୍ତୁ ଭଗବାନ ବ୍ରହ୍ମା ନିଜର ପରାଜୟ ସ୍ୱିକାର କରିବା ପରିବର୍ତ୍ତେ ସେ ପଥରର ଅନ୍ତ ପାଇଛନ୍ତି ବୋଲି ଘୋଷଣା କଲେ । କିନ୍ତୁ ଏହି ସମୟରେ ଆକାଶରୁ ପୁଣି ଏକ ଶୂନ୍ୟବାଣୀ ହେଲା, ଯେଉଁଥିରେ ଶୁଣିବାକୁ ମିଳିଲା ଯେ ମୁଁ ଶିବଲିଙ୍ଗ ଅଟେ । ମୋର ଆରମ୍ଭ ନାହିଁ କି ଅନ୍ତ ମଧ ନାହିଁ । ଏହାପରେ ଭଗବାନ ଶିବ ମଧ ସେଠାରେ ଆବିର୍ଭାବ ହେଲେ ଏବଂ କହିଲେ ଯେ ଏହି ପଥର ହେଉଛି ମୋର ଏକ ଅଂଶ ଯାହାକୁ ସାରା ବ୍ରହ୍ମାଣ୍ଡରେ ଶିବଲିଙ୍ଗ ଭାବରେ ପୂଜା କରାଯିବ । ସେବେଠାରୁ ବ୍ରହ୍ମାଣ୍ଡରେ ଏହି ପଥରକୁ ଶିବଲିଙ୍ଗ ଭାବରେ ପୂଜା କରାଯାଏ ।

### ଶିବଲିଙ୍ଗର ଅର୍ଥ :

ପୌରାଣିକ ଗାଥା ଅନୁସାରେ ଶିବଲିଙ୍ଗ ଦୁଇଟି ଶବ୍ଦରେ ତିଆରି ହୋଇଛି, ଶିବ ଏବଂ ଲିଙ୍ଗ । ତେବେ ଶିବର ଅର୍ଥ କଲ୍ୟାଣ ହୋଇଥିବା ବେଳେ ଲିଙ୍ଗର ଅର୍ଥ ଯାହାର ଅର୍ଥ ସୃଷ୍ଟି ବୋଲି ବିଶ୍ୱାସ ରହିଛି । ତେବେ ଏହି ଶିବ ଲିଙ୍ଗ ଦୁଇ ପ୍ରକାର ଗୋଟିଏ ହେଉଛି ଜ୍ୟୋତିର୍ଲିଙ୍ଗ ଏବଂ ଅନ୍ୟଟି ହେଉଛି ପାରଦ ଶିବ ଲିଙ୍ଗ । ତେବେ ଏହି ଜ୍ୟୋତିର୍ଲିଙ୍ଗଙ୍କୁ ସମଗ୍ର ସମଗ୍ର ବ୍ରହ୍ମାଣ୍ଡର ପ୍ରତୀକ ଭାବରେ ବିବେଚନା କରାଯାଏ । କୁହାଯାଏ ଯେ ଏହି ଶିବଲିଙ୍ଗ ଜଳ, ବାୟୁ, ଆକାଶ, ପୃଥିବୀ, ମାୟା, ଚିନ୍ତା, ଭାବନା, ବ୍ରହ୍ମ, ଜୀବ, ବୁଦ୍ଧି ଆଦୁ ସୃଷ୍ଟି ହୋଇଛି ।

# ଘରେ କାହିଁକି ରଖନ୍ତି ନାହିଁ ଶନି ଦେବଙ୍କ ପ୍ରତିମୂର୍ତ୍ତି: ଜାଣନ୍ତୁ ଏହା ପଛର କାରଣ




ହିନ୍ଦୁ ଧର୍ମରେ ପ୍ରତ୍ୟେକ ଦେବାଦେବୀଙ୍କର ଏକ ସତନ୍ତ୍ର ମହତ୍ୱ ଏବଂ ଗୁରୁତ୍ୱ ରହିଥାଏ । ଯାହାକି ସେମାନଙ୍କୁ ଅନ୍ୟ ଦେବତାମାନଙ୍କ ଠାରୁ ଭିନ୍ନ କରେ । ତେବେ ଶନିଙ୍କୁ ନ୍ୟାୟର ଦେବତା କୁହାଯାଏ । ଏଥିସହିତ ତାଙ୍କ କୋପ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ ଏବଂ ତାଙ୍କ ଆର୍ଶିବାଦ ଲାଭ କରିବା ପାଇଁ ତାଙ୍କୁ ପୂଜା ମଧ କରାଯାଏ । ତେବେ କିଛି ଲୋକଙ୍କ ପାଇଁ ଭଗବାନ ଶନି ଶୁଭ ହୋଇଥାନ୍ତି ତ କିଛି ଲୋକଙ୍କ ପାଇଁ ସେ ଅଶୁଭ ହୋଇଥାନ୍ତି । ଏଥିସହିତ ଶନିଙ୍କ ପ୍ରତିମୂର୍ତ୍ତିକୁ ମଧ ଘରେ ରଖାଯାଏ ନାହିଁ କି ପୂଜା କରାଯାଏ ନାହିଁ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହା ପଛରେ କଣ ରହିଛି କାରଣ ।

ଘରେ କାହିଁକି ରଖନ୍ତି ନାହିଁ ଶନିଙ୍କ ମୂର୍ତ୍ତି: ଶାସ୍ତ୍ର ଅନୁସାରେ ଶନିଦେବଙ୍କୁ ଘରେ ରଖିବା ଦ୍ୱାରା ଶନିଦେବଙ୍କ ସିଧା ଦୃଷ୍ଟ ଘର ଉପରେ ପଡିଥାଏ । ମାନ୍ୟତା ଅନୁସାରେ ଶନିଙ୍କ ସିଧା ଦୃଷ୍ଟି ବହୁତ ଅଶୁଭ ହୋଇଥାଏ । ଫଳରେ ଘରେ ଅଶାନ୍ତି ଏବଂ ସମସ୍ୟା ଲାଗି ରୁହେ । ତଣୁ ଶନିଦେବଙ୍କ ପ୍ରତିମୂର୍ତ୍ତି ଘରେ ରଖିବା ଶୁଭ ହୋଇ ନଥାଏ । ଏଥିସହିତ ଶନିଦେବଙ୍କୁ ଘରେ ନ ରଖିବାର ପୌରାଣିକ କାରଣ ମଧ ରହିଛି ।

ତେବେ ପୌରାଣିକ ଶାସ୍ତ୍ର ଅନୁସାରେ, ଶନିଦେବଙ୍କୁ ତାଙ୍କ ପତ୍ନି ଅଭିଶାପ ଦେଇଥିଲେ । ଥରେ ଶନିଦେବ ଧ୍ୟାନରେ ଥିବା ବେଳେ ତାଙ୍କୁ ପତ୍ନି ଧ୍ୟାନ ଭଗ୍ନ କରିବାକୁ ପ୍ରୟାଶ କରିଥିଲେ । କିନ୍ତୁ ସବୁ ପରେ ମଧ ଶନିଦେବଙ୍କ ଧ୍ୟାନ ଭାଙ୍ଗି ନଥିଲା । ଫଳରେ ଶନିଙ୍କ ପତ୍ନି ରାଗିଯାଇ ଶନିଦେବଙ୍କୁ ଅଭିଶାପ ଦେଇଥିଲେ । ସେ କହିଥିଲେ ଯିଏ ବି ଶନିଙ୍କୁ ଦେଖିବା କିମ୍ବା ଯାହା ଉପରେ ଶନିଙ୍କ ସିଧା ଦୃଷ୍ଟି ପଡିବ ସେମାନଙ୍କ ଜୀବନରେ ସମସ୍ୟା ସୃଷ୍ଟି ହେବ । ତେଣୁ ଏହି କାରଣରୁ ଶନିଙ୍କୁ ଘରେ ରଖି ପୂଜା କରାଯାଏ ନାହିଁ ।

# ଭାଇରସ ନା ବ୍ୟାକ୍ଟେରିଆ : କିଏ ବେଶୀ ଭୟଙ୍କର

## କିଏ ପ୍ରଥମେ ଏ ଦୁନିଆକୁ ଆସିଥିଲା ?



ଗତ ତିନି ବର୍ଷ ଧରି ସାରା ବିଶ୍ୱବାସୀଙ୍କ ମୁହଁରେ କେବଳ ଗୋଟିଏ ଶବ୍ଦ 'ଭାଇରସ' । କରୋନା ଦୀର୍ଘଦିନ ଧରି ଲୋକଙ୍କୁ ସଂକ୍ରମିତ କରିଆସୁଥିଲେ ହେଁ ବୈଜ୍ଞାନିକମାନେ ଏହାଠାରୁ କାହିଁ କେତେଗୁଣରେ ଭୟଙ୍କର ଭାଇରସ ଓ ବ୍ୟାକ୍ଟେରିଆର ସନ୍ଧାନ ପାଇଛନ୍ତି । ତେବେ କିଏ ପ୍ରଥମେ ଆସିଥିଲା ଭାଇରସ ନା ବ୍ୟାକ୍ଟେରିଆ । ଏହି ପ୍ରଶ୍ନକୁ ନେଇ ଯେ କେହି ବି ବିଭ୍ରାନ୍ତ ହେବା ସ୍ୱାଭାବିକ ।

ପ୍ରଥମେ କୁକୁଡ଼ା ନା ଅଣ୍ଡା ଆସିଥିଲା ପ୍ରଶ୍ନ ପରି ଏହି ଭାଇରସ-ବ୍ୟାକ୍ଟେରିଆ ପ୍ରଶ୍ନ ମଧ ସମସ୍ତଙ୍କ ମନକୁ ଗଭୀର ଭାବେ ଆନ୍ଦୋଳିତ କରୁଛି । ଉଭୟ ଭାଇରସ ଓ ବ୍ୟାକ୍ଟେରିଆ ମଣିଷ ପାଇଁ ଭୟଙ୍କର ସାବ୍ୟସ୍ତ ହୋଇଥାନ୍ତି । ଭାଇରସମାନେ ଅନ୍ୟ ସୂକ୍ଷ୍ମଜୀବଙ୍କଠାରୁ ଭିନ୍ନ ହୋଇଥାନ୍ତି । ଏମାନେ ନିଜର କ୍ଲୋନ ସୃଷ୍ଟି କରିବା ସହିତ ସଂକ୍ରମଣ ବଢ଼ାଇବାରେ ଏମାନଙ୍କର ବଡ଼ ଭୂମିକା ରହିଥାଏ । ନିଜର ଜେନେଟିକ ମ୍ୟାଟେରିଆର ସହାୟତାରେ ଭାଇରସ ଏପରି କରିବାକୁ ସକ୍ଷମ ହୋଇଥାଏ ।

ଏକ ରିପୋର୍ଟ ମୁତାବକ, ଭାଇରସ ଓ ବ୍ୟାକ୍ଟେରିଆର ସଠିକ୍ ବୟସର ଆକଳନ କରିବା ବଡ଼ ମୁସ୍କିଲ କାର୍ଯ୍ୟ । ବର୍ତ୍ତମାନ ସୁଦ୍ଧା ଏ ବାବଦରେ ସଠିକ୍ ତଥ୍ୟ ମିଳିପାରିନଥିଲେ ହେଁ ବ୍ୟାକ୍ଟେରିଆ ଓ ଅନ୍ୟ ସୂକ୍ଷ୍ମଜୀବ ପୂର୍ବରୁ ଭାଇରସ୍ ଏ ଦୁନିଆକୁ ଆସିଥିବା ସ୍ପଷ୍ଟ ହୋଇଛି । ବୈଜ୍ଞାନିକଙ୍କ ମତରେ, ଅଧିକାଂଶ ଭାଇରସ ଆରଏନଏ ସହିତ ମିଶି ତିଆରି ହୋଇଥାନ୍ତି । ଏପରି ସ୍ଥଳେ ଭାଇରସକୁ ଜୀବିତ ବା ମୃତ ଭାବେ ଗ୍ରହଣ କରାଯିବ ତାହା ମଧ ଆଉ ଏକ ବଡ଼ ପ୍ରଶ୍ନ । ଯେଉଁ ଜିନିଷର ବିକାଶ ହେଉଥିବ, ସଂଖ୍ୟାର ବୃଦ୍ଧି ପାଉଥିବ, ଶରୀରର ସନ୍ତୁଳନ ରକ୍ଷା ସମ୍ଭବ ହେଉଥିବ ତାହାକୁ ଜୀବିତ ଭାବେ ଗ୍ରହଣ କରାଯିବ ବୋଲି ବିଜ୍ଞାନରେ ନିୟମ ରହିଛି ।

କରୋନା ଲଗାତାର ନିଜର ସଂଖ୍ୟା ବୃଦ୍ଧି କରାଉଛି, ତେଣୁ ତାହାକୁ ଜୀବିତ ଭାବେ ଗ୍ରହଣ କରାଯାଉଛି । ଏହା ମଣିଷ ଶରୀରରେ ପହଞ୍ଚି ଦ୍ରୁତ ଭାବେ ନିଜର ସଂଖ୍ୟା ବଢ଼ାଇଥାଏ । ତେଣୁ ବେଳକୁ ବେଳ ବୀମାର ଗମ୍ଭୀର ରୂପ ଧାରଣ କରିବା ସହିତ ଭାଇରସ ସମୟ ସହିତ ନୂଆ ନୂଆ ଭାରିଆଣ୍ଟ ନିର୍ମାଣ କରିଥାଏ । ତେବେ ତୁଳନାତ୍ମକ ଭାବେ ଭାଇରସ ବ୍ୟାକ୍ଟେରିଆ ତୁଳନାରେ ଅଧିକ ଭୟଙ୍କର ବୋଲି କୁହାଯାଏ ।

# ଶରୀର ଘୋଳାବିନ୍ଧା ହେଉଛି କି ?



ଆଜିକାଲି ବ୍ୟସ୍ତ ବହୁଳ ଜୀବନଶୈଳୀ ହେତୁ ଶରୀର ଘୋଳାବିନ୍ଧା ହେବା ଏକ ସାଧାରଣ ସମସ୍ୟା ପାଲଟିଗଲାଣି । କେବଳ ବୟସ୍କ ନୁହଁନ୍ତି, ଅଳ୍ପ ବୟସର ପିଲାଙ୍କ ଭିତରେ ବି ଏହି ସମସ୍ୟା ଦେଖା ଦେଲାଣି ।

## ବିନା ଔଷଧରେ ଏପରି ପାଆନ୍ତୁ ଉପଶମ

ଏହା କୌଣସି ପ୍ରକାରର ରୋଗ ନୁହେଁ । ତେଣୁ, ଆୟତ୍ତ ବାହାରର ଯନ୍ତ୍ରଣା ନହେଲେ ଔଷଧଠାରୁ ନିଜ ଶରୀରକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । ତେବେ ଚାଲନ୍ତୁ ଜାଣିବା ବିନା ଔଷଧ ଖାଇ କିପରି ଭାବେ ଦେହ ଘୋଳାବିନ୍ଧାକୁ ଦୂରେଇ ହେବ ।

◆ ନିଜର ଦେହର ପୀଡ଼ା ମାରିବା ପାଇଁ ନାଲି ଚା' ଅବ୍ୟର୍ଥ ଔଷଧ ପରି କାମ କରେ । ଆପଣ ସେହି ନାଲି ଚା'ରେ ଗୋଲମରିଚ ଓ ଅଦା ପକାଇ ପିଅନ୍ତୁ । ଦେଖିବେ ଆପଣ ଏହାକୁ ପିଇବା ପରେ ଆପଣଙ୍କ ଶରୀରର ପୀଡ଼ା କୁଆଡ଼େ ଦୂରେଇ ଯିବ ।

◆ ଆପଣ ଷ୍ଟିମ୍ ନେଇ କରି ମଧ ନିଜ ଶରୀରର ପୀଡ଼ା ଦୂର କରିପାରିବେ । ଗରମ ପାଣି କରି ସେଥିରେ କିଛି ମେଥୋ ବାମ୍ ମିଶ୍ରଣ କରନ୍ତୁ । ସେହି ମେଥୋ ବାମ୍ ପଡ଼ିଥିବା ଗରମ ପାଣି ସାମ୍ନାରେ ମୁହଁ ରଖି ଜୋର ଜୋର ନିଶ୍ୱାସ ନିଅନ୍ତୁ । ଏହା ଦ୍ୱାରା ଆପଣଙ୍କୁ ଉପଶମ ମିଳିବ । ଏହା ବ୍ୟତୀତ ଆଜିକାଲି ବଜାରରେ ଇଲେକ୍ଟ୍ରିକ୍ ମସାଜର ମିଳୁଛି । ବିନା କାହାକୁ ମୋଡ଼ାଘଷା କରିବାକୁ କହି ଆପଣ ତାହାର ମଜା ନେଇପାରିବେ । ସେହି ମସାଜର ଜରିଆରେ ଆପଣ ନିଜର ହାତ ପାଉଥିବା ପର୍ଯ୍ୟନ୍ତ ନିଜ ଶରୀରର ଅଙ୍ଗରେ ବୁଲାଇ ଉପଶମ ପାଇପାରିବେ ।

# ଆର୍ଥ୍ରାଇଟିସ୍

ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି । ଆର୍ଥରାଇଟିସକୁ ଗଠିଆ ବାତ ମଧ୍ୟ କୁହାଯାଏ । ଏହା କେବଳ ବୟସ୍କମାନଙ୍କ କ୍ଷେତ୍ରରେ ସୀମିତ ନୁହେଁ । ଯୁବକ, ଯୁବତୀମାନେ ମଧ୍ୟ ଏହି ରୋଗର ଶୀକାର ହେଉଛନ୍ତି । ଏହାର ସବୁଠୁ ଅଧିକ ପ୍ରଭାବ ଆଣ୍ଠୁରେ ଓ ହାଡ଼ରେ ଦେଖାଯାଇଥାଏ । ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି । ଏହି ଲୋକଙ୍କୁ ଆର୍ଥରାଇଟିସ୍ ହେବାର ସମ୍ଭାବନା ଅଧିକ ପରିମାଣରେ ଥାଏ ।



## କବିଟିଏ କ'ଣ ମରିପାରେ ?

### ଶରତ କୁମାର ଦାସ



କବିଟିଏ କ'ଣ ମରିପାରେ ?
ନା କବିର କବିତା କେବେ ଶେଷ ହୋଇପାରେ ?

କବି ତ ମୃତ୍ୟୁଂଜୟୀ, କାଳର କମ୍ପନ
ତେଜୋଦ୍ଦୀପ୍ତ ଅଗ୍ନିପିଣ୍ଡ
ପୁଣି କେତେବେଳେ ଦଲକାଏ ମୃଦୁ ସମୀରଣ ।

ଚାଲିପାରେ ସେ ଖଡ୍ଗର ଚକଚକ୍ ଧାରରେ
ଲମ୍ଫପ୍ରଦାନ କରିପାରେ
ମାହାସାଗରର ଉତ୍ତାଳ ବକ୍ଷରେ
ଶୋଇପାରେ ବରଫର ଶୀତଳ ଶଯ୍ୟାରେ
ଧରିପାରେ ବି ମଧ୍ୟାହ୍ନର ଡହଡହ ସୂର୍ଯ୍ୟ ଅନାୟସରେ ।

ଚାହେଁନି ସେ ଜମା
ଭବ୍ୟ ପରିଚୟର ଲୌକିକ ଉପଢୌକନ
ତାକୁ ହିଁ ଭଲଭାବେ ଜଣା
ନିଜକୁ ନିଜେ ଛିଡାକରାଇବାର ଅପୂର୍ବ କଳା
କଣ୍ଟାକୁ ଫୁଲକରିବାର ପାରିବାପଣିଆ ।

ଭାବନାର ସରଳ ଅକ୍ଷରଗୁଡିକରେ
ସେ ସଜେଇଦିଏ ଶବ୍ଦ, ଝରିପଡେ ଝଙ୍କାର
ଏଇ ଶବ୍ଦ ହୁଏ ତା'ର ଅସ୍ତ୍ର, ପୁଣି ଶସ୍ତ୍ର
ଶବ୍ଦର ବଜ୍ର ନିର୍ଘୋଷ ଧ୍ୱନିରେ ଓହ୍ଲାଇ ଆସେ ସ୍ୱର୍ଗ
ଥରିଯାଏ ମର୍ତ୍ତ୍ୟ ଓ ପାତାଳ
କ୍ଷଣିକେ ଓଲଟପାଲଟ ହୋଇଯାଏ ଅକ୍ଷାଂଶ ଦ୍ରାଘିମା ।

ଶବ୍ଦର ନିହାଣ ମୁନରେ କବି
ଫୁଟାଇପାରେ ପଦ୍ମ ନିର୍ଜୀବ ଶିଳାରେ
ଗଣିପାରେ ସାତ ସମୁଦ୍ରର ଢେଉ ଆଖି ପଲକରେ,
ସାଉଁଟିପାରେ ପାରିଜାତ ପୁଷ୍ପ ନିର୍ଜନଦ୍ୱୀପରେ
ଯୋଡିଦିଏ ଭଙ୍ଗାମନ କୋଉ ମୋହିନୀ ମନ୍ତ୍ରରେ ।

ବିନା ତୂଳୀରେ କବି ବି ରଙ୍ଗମାଖିପାରେ
ଆଙ୍କିପାରେ ଇନ୍ଦ୍ରଧନୁର ଲଳିତ ଛବି
ଖରା ଓ ଶ୍ରାବଣର ମଝି ପାହାଚରେ ।

କବିତାର ଛନ୍ଦେ ସିଏ ଜୀବନକୁ ଖୋଜେ
ସୁଖଦୁଃଖ, ହସଲୁହ, ନିନ୍ଦା ଓ ପ୍ରଶଂସା-ସବୁରି ଭିତରେ
ଲୟେଇଦିଏ ସେ ପ୍ରେମର ମଧୁର ଝୁଲଣା
ଆଉ ଦେଖିପାରେ କୋଟି ଜହ୍ନର ଝଲମଲ ରାତି
ଦୃଶ୍ୟର ଅଦୃଶ୍ୟ ଇଲାକାରେ
ତା' ଶୁଖିଲା ନିବୁଜ ଆଖିହଳକରେ ।

କବି ନିଶୁଣୀ ବାନ୍ଧେ ଆକାଶକୁ
ଉଆଁଶ ରାତିର ଛାତିକୁ ଫେରେଇଦିଏ ଚାନ୍ଦିନୀ ଚମକ
ନିଃଶ୍ୱାସରେ ଢାଳିଦିଏ ଚିମୁଟାଏ ନିର୍ମଳ ବିଶ୍ୱାସ
ନୈରାଶ୍ୟର ବାଲୁକା ଶେଯରେ ସେ ଖୋଜୁଥାଏ ନିତି
ଅସରନ୍ତି ଆଶାର ଅସଂଖ୍ୟ ମଧୁସିକ୍ତ ପାଦଚିହ୍ନ
ଯନ୍ତ୍ରଣାର ନଦୀ ତୀରେ ସେ ସ୍ପଷ୍ଟ ଶୁଣିପାରେ
ଜିଇବାର ମହାର୍ଘ ବଂଶୀ ସ୍ୱନ ।

ଜୟ ପରାଜୟର ଊର୍ଦ୍ଧ୍ୱରେ କବି
ଅଗଣିତ ମଣିଷଙ୍କ ଭିଡରେ ସେ ଭିନ୍ନ ଏକ ମଣିଷ
ଅନନ୍ୟ, ଅନାସକ୍ତ ଓ ନମସ୍ୟ
ଧୈର୍ଯ୍ୟ ଓ ସହନଶୀଳତାର ଶକ୍ତ ଶିଳାସ୍ତମ୍ଭ
ସହଜରେ ସହିପାରେ ସେ ରକ୍ତସ୍ରାବୀ କ୍ଷତର ଆଘାତ
ଜମାଟବନ୍ଧା ଅନେକ ଅନ୍ତର୍ଦାହ ଓ ଅବଶୋଷ
ପିଠିରେ ତା' ଲାଉହୋଇ ଘୂରୁଥାନ୍ତି ସନ୍ତର୍ପଣେ ।

ତଥାପି କବି ଶକ୍ତ, ନଇଁବା ଶିଖିନି ସେ କେବେ
ବରଂ ନୁଆଇଁ ଦେଇପାରେ
ଗର୍ବ ଅହଙ୍କାରର ସୁଉଚ୍ଚ ପାହାଡ
ଭାଙ୍ଗିଦେଇପାରେ ବିଭେଦର ଅଭେଦ୍ୟ ପ୍ରାଚୀର
ଗଢିପାରେ ସ୍ୱର୍ଗ ମର୍ତ୍ତ୍ୟର ଅଗଣାରେ
ତୋଳିପାରେ ପ୍ରୀତିର ଇନ୍ଦ୍ରପ୍ରସ୍ଥ ପ୍ରତି ହୃଦୟରେ ।


❤ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ହେ ଈଶ୍ୱର

### ପ୍ରଦୀପ୍ତ ଆଚାର୍ଯ୍ୟ



ହେ ଈଶ୍ୱର, ମୁଁ ଜାଣେ,
ତୁମେ ମୋତେ କରିନାହଁ ପର,
ମୁଁ ଭୁଲିଯାଏ, ପ୍ରାର୍ଥନା ପ୍ରଣାମ,
ତଥାପି ତୁମେ ମୋର ନିଜର ।
ମୁଁ ଜାଣେ, ମୁଁ ବେଳେ ବେଳେ,
ତୁମକୁ ଅବିଶ୍ୱାସ କରୁଛି,
କ୍ଷୋଭ ହୁଏ, ମାଗୁଛି ଯାହା,
ଦେଉନାହଁ କିଛି,
ତଥାପି ସକାଳୁ ଉଠି ଦେଖେ,
ମୁଁ ବଂଚିଛି ।
ଆଏ ଗୋଟିଏ ନୂଆ ସକାଳ,
ଦେଖିବାର ସୌଭାଗ୍ୟ ପାଇଛି ।
ଆଉ କଣ ଦେଇଥାନ୍ତ ?
ଜୀବନ ଦେଇଛ, ହେ ଈଶ୍ୱର,
ତୁମେ ମୋତେ କରିନାହଁ ପର,
ତୁମ ପଦେ ଜଣାଉଛି ମୁହିଁ,
କୋଟି କୋଟି ନମସ୍କାର ।
ହେ ଈଶ୍ୱର, ମୁଁ ଜାଣେ,
ତୁମେ ମୋତେ କରିନାହଁ ପର ।


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦


## ବିଚିତ୍ର ଯନ୍ତ୍ରଦାନବ

### ଭରତ ଚନ୍ଦ୍ର ଦାଶ



ଏମିତି କି
ମୋହ ମାୟା
ଲଗାଇଛି ଯେ ନା
ଦେହ ନା ମନ
ବୋଲମାନୁଛି ତାର
ନିଃସ୍ତେଜରେ ନିରବରେ
ଶୋଇପଡୁଛି ରାସ୍ତା
ଆନମନା ହେଉଛି ସମୟ
ଦୁଃଖରେ ଶୋକରେ
ଲୁହ ଗଡାଉଛି
ନର୍ତ୍ତକ ନର୍ତ୍ତକୀର ପାଦ
ଲମ୍ବି ଯାଉଛି ରାସ୍ତା
ପ୍ରଲମ୍ବିତ ହେଉଛି ସମୟ
ମୁଁ ଆଧୁନିକ ଯନ୍ତ୍ରଟିଏ
ବର୍ତ୍ତମାନ କାଳଖଣ୍ଡରେ
ମୋତେ ଡି ଜେ ବୋଲି
ଜାଣନ୍ତି ସମସ୍ତେ ।

ମୁଁ ସମୟର
ଗତିକୁ ବଢାଇପାରେ
ପ୍ରାଣତନ୍ତ୍ରୀକୁ ଛିଡାଇପାରେ
ନିଶାସକ୍ତ କରିପାରେ ପାଦକୁ
ବିବିଧବର୍ଣ୍ଣୀ ଆଲୋକରେ
ମୁଁ ହରରଙ୍ଗୀ ସାଜେ
ପ୍ରାଣତନ୍ତ୍ରୀରେ ବଢିଯାଏ
ହୃଦୟର ସ୍ପନ୍ଦନ
ପଙ୍ଗୁ ଲଙ୍ଘୟତେ ଗିରି
ସତ୍ୟ ଓ ଶାଶ୍ୱତର
ପ୍ରତ୍ୟୟ ସୃଷ୍ଟିକରେ
ଉପଭୋକ୍ତାଙ୍କ ଆଖିରେ ।
ପାଶ୍ଚାତ୍ୟରେ ସଙ୍ଗୀତଜୀବୀ
ଯୁବକଯୁବତୀ ପୌଢପୌଢା
ମୋ ପ୍ରେମରେ ଏମିତି ପାଗଳ
ସେମାନେ ତଲ୍ଲୀନ ତଦ୍ଗତା ।
ନୃତ୍ୟ ସହ
ମଦିରାର ପିଆଲା ଏବେ
ବେଶ୍ ମତୁଆଲା କରିଛି
ସମୟର ଯୌବନକୁ ।

ମୋର ରୁଦ୍ର
ଭୈରବ ରବରେ
ଥରି ଉଠୁଛି
ସ୍ଥାନ କାଳ ପାତ୍ରର
ପାତ୍ରପାତ୍ରୀଙ୍କର
ଉନ୍ମାଦ ଉଦ୍ବେଳିତ ବକ୍ଷ
ଉନ୍ମାଦକର ଏକ
ବିଚିତ୍ର ଯନ୍ତ୍ରଦାନବ
ହୃତ୍ ସ୍ପନ୍ଦନ ବନ୍ଦ
ହୋଇଯିବାର ଘଟଣା
ଦୁଃର୍ଘଟଣାଭାବେ
ମୁଣ୍ଡଟେକେ କଦବା
କେତେବେଳେ କାଳର
କଳଙ୍କିତ ପୃଷ୍ଠାରେ ।
ଭୂକମ୍ପନ
ତୀବ୍ରରୁ ତୀବ୍ରତର
ଶବ୍ଦ ପ୍ରଦୂଷଣ
ଶ୍ରବଣେନ୍ଦ୍ରୀୟର
ରନ୍ଧ୍ର ନିଃଷ୍ପନ୍ଦ ହେବାଯାଏ
ମୁଁ ଏବେବି ସନ୍ଦିହାନ
ମୋର ଅନାଦର କାହିଁ
ଆଦର ବଢୁଛି କେମିତି ।


❤ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର-
୭୫୬୧୨୬
ମୋ: ୯୪୩୭୭୩୭୨୧୬୬


## ମା' ଠୁ ମଧୁର-ମା' ଠୁ ସୁନ୍ଦର

### ଜୟଶ୍ରୀ ଦେବୀ




ମା' ତ ମା' ସେ ଆମରି ମା'
ଗରଭଧାରିଣୀ ମା'
କୋଟି ପ୍ରଣାମ ତାହାରି ଚରଣେ
ସେ ଆମରି ରାହା ସାହା ।
ତା' ବୁକୁ ଚିରି ଆଧାର ଯୋଗାଏ
ସେ ତ ମମତାର ଧାର
କାନି ପଣତରେ
ଘୋଡେଇ ରଖେ ସେ
ତା' ମୂଲ ଅମୂଲ ମୂଲ
ମା' ର ତୁଳନା କରିତ ହୁଏନା
କି ଉପମା ଦେବି ଆହା ।
ମିଛରେ ତୁଛାରେ ମା' ଦିଏ ଗାଳି
ଯେମିତି ଦାଣ୍ଡର ଧୂଳି
ଭୋକ ଶୋଷ ଭୁଲି ଆମ ପେଟ
ଚିହ୍ନେ
ପୂରା କରେ ସବୁ ଅଳି
ମା' ନାହିଁ ଯା'ର ଆହା ନାହିଁ ତା'ର
ଜାଣିଛି ଏଇ ଦୁନିଆ ।
ଅସରା ସେନେହ ମମତା ପସରା
ଭରିଛି ହୃଦୟେ ଯା'ର
ଆମ ଦୁଃଖ ଦେଖି ଲୁଚେଇ ଲୁଚେଇ
ପଣତ ଭିଜେ ତାହାର
ମା' ର ମମତା ସବୁଠୁ ନିଆରା
ତା' ଋଣ ସୁଝି ହୁଏନା ।


❤ନୟାଗଡ,
ମୋ: ୭୯୭୮୪୨୩୭୩୦


## ଅଟକି ଯାଇଥିବା ଲୋକ

### ଡ. ଅନିଲ ନନ୍ଦ



ଦୂର ସହରରୁ ଆସିବାର ଥିଲା ଗାଡ଼ି
ପାଖେଇ ଆସୁଥିଲା ବିକଟାଳ ଶବ୍ଦ
ଖୋସଣି ସଜାଡି
ବ୍ୟାଗ୍ ଘୋଷରିବାରେ ବ୍ୟସ୍ତ ଯାତ୍ରୀ ।

ଜଣା ପଡୁଥିଲା ମାଂସପେଶୀ ସକ୍ରିୟ
ସାରି ଦେଲେଣି ରିହର୍ସାଲ୍ ହାତ
ହେଇ ସାରିଥିଲା ସମୟ
ଗାଡି ଆସି ପାଛୋଟି ନେବାର ।

ଆସିବାର ଥିଲା ଗାଡି, ଆସିଲା
ଅଟକାଇ ପାରିଲେନି କେହି
ସମସ୍ତେ ଚଢିସାରିବା ଯାଏ ।
ମୁଣ୍ଡ ତଳକୁ କରି
ଆଖିକି ବିପରୀତ କରି
ଆଣ୍ଠୁରେ ଆଣ୍ଠେଇ
ଯେତିକି ଯାଇ ପାରିଲେ
ସେତକ ହେଲେ ବିଜୟୀ
ବାନା ଉଡେଇ ପାରୁଥିବା ଲୋକ ।

ଡରି ଯାଇଥିବା ଲୋକ
ଏବେ ସେଇଠି
ଘଣ୍ଟାକଣ୍ଟାର ଟିକଟିକ ଶବ୍ଦକୁ
ଦୀର୍ଘଶ୍ୱାସ କରି ବୋକା ।


❤କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର


## ଅନନ୍ତ ଭାବର ଉତ୍ସ

### ଜୟଶ୍ରୀ ପଟ୍ଟନାୟକ



ଆବେଗର ସାନ୍ଦ୍ରତାରେ ନିରନ୍ତର
ଝରୁଥିବା ଭାବର ଉତ୍ସ ହିଁ କବିତା
ସେ ତ ମନ୍ଦାକିନୀ ଧାରା ପରି
ଶୀତଳ
କବିର ପ୍ରାଣ, ପାଠକର ହୃଦୟକୁ
ବାନ୍ଧି ରଖିବାର ଥାଏ କ୍ଷମତା ।

ଦୁଃଖବେଳେ ଝରାଏ ଲହୁ ଲୁହର
କବିତା
ସୁଖବେଳେ ହସର କବିତା
ଝଡରେ ଆକ୍ତାମାକ୍ତା ହୋଇ
ଖୋଜୁଥାଏ ବଂଚିବାର ରାହା
ଜୀବନର ବାଟକୁ ଚଲାଇନିଏ
ସବୁ କଙ୍କରିତ ପଥକୁ ପାରିକରି
ଅମୃତର ବାରି ବର୍ଷଣରେ ଦିଏ
ଆତ୍ମତୃପ୍ତି ।

ସେଠି ନ ଥାଏ ଦୁଃଖି ଦୈନ୍ୟ
ହେବାର ମୁହୂର୍ତ୍ତ
ଧନୀ କି ଗରୀବ ହେବାର ଲକ୍ଷଣ
ବାସ୍ ଥାଏ ଗୋଟେ କଳ୍ପନାର
ପାରାବାର
ସୂକ୍ଷ୍ମ ସୌକୁମାର୍ଯ୍ୟ ଶାବ୍ଦିକ ଭାବନା
ମାୟାର ମହକରେ କିଏ ଅଦୃଶ୍ୟରେ
ଲେଖାଇ ଚାଲେ
ବିମୁଗ୍ଧତାର ବୈତରଣୀରେ ମନ
ଅବଗାହନ କରୁଥାଏ
ଅନ୍ତରୀକ୍ଷର ନିଳିମାରେ ମନ ଉଡାଣ
ଭରେ
ଅନୁଭୂତିର ଅନନ୍ତ ଭାବଧାରାରେ
ସ୍ୟାହୀର ମୁରୁଜରେ ଆଙ୍କୁଥାଏ
କବିତା

ସେଥିରେ ଥାଏ କବି ଜୀବନର
ନିଜକୁ ବଂଚି ଅନ୍ୟକୁ ବଚେଇବାର
ପ୍ରେରଣା
ମନ ଗାଉଥାଏ ହୃଦନ୍ତ୍ର ବେଣୁରେ
କବିତା
କବିତା ବନିତା ଲତା ସବୁ ଭିତରେ
ଥାଏ କବିର ପ୍ରାଣମୟ ସତ୍ ତା ।


❤ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪


## ସଚ୍ଚା ଜୀବନ ସାଥୀ...

### ରାମଚନ୍ଦ୍ର ବେହେରା



ଜୀବନ ଯାତ୍ରାରେ ଦୁଇଟି ପରାଣ
ହୋଇ ଚିରଦିନ ସାଥୀ
ସ୍ନେହ ପ୍ରେମ ବାଣ୍ଟି ସମୟ ସ୍ରୋତରେ
ରଚନ୍ତି ଅଭୁଲା ସ୍ମୃତି ।

ଶାନ୍ତ ସୁଶୀତଳ ସୁଗନ୍ଧ ମଳୟ
ହୃଦୟକୁ ତାଂକ ଛୁଏଁ
ଅସରନ୍ତି ସ୍ୱପ୍ନ ଅସରନ୍ତି ଆଶା
ଚଲାପଥେ ଦେଖାଦିଏ ।

ପଂଚମ ରାଗିଣୀ ସୁରେ ରଖି ଲୟ
ସାଥେ ପ୍ରେମର ପରଶ
ଅସରା ଅସରା ପ୍ରୀତି ବରଷାରେ
ଉଚ୍ଛୁଳେ ମୁରୁକି ହସ ।

ଦୂରେ ଥିଲେ କେହି ମନ ଚହଲଇ
ଦେଖାଦିଏ ମୃଗତୃଷ୍ଣା
ପୂର୍ବ ପ୍ରତିଶ୍ରୁତି ଆନ୍ଦୋଳିତ କରେ
ଖୋଜେ ମିଳନର ବାସ୍ନା ।

ନିରାକାର ପାଶେ କରନ୍ତି ବିନତୀ
ସ୍ୱପ୍ନ ହେଉ ରାଳରାତ୍ରୀ
ଜୀବନ ଯାତ୍ରାରେ ବାଧା ଠିଆହେଲେ
ଯୋଡି ରହୁ ତାଂକ ସାଥୀ ।


❤ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ନିଜେ ବଦଳିଲେ, ଦେଶ ବଦଳିବ

### ରାଖାଲ ଚନ୍ଦ୍ର ସ୍ୱାଇଁ



ସମସ୍ତେ କହନ୍ତି, ନୀତି ଆଉ ନାହିଁ,
ଅନୀତିଟା ତେବେ କରୁଛି କିଏ ।
ମଙ୍ଗଳ ଗ୍ରହରୁ କେହି କ'ଣ ଆସି,
ଆମ ନୀତିକାନ୍ତି ବିଗାଡି ଦିଏ ।

ସମସ୍ତେ କହନ୍ତି ଦୁର୍ନୀତି ହେଉଛି,
ଦୁର୍ନୀତି ଟା ତେବେ କରୁଛି କିଏ ?
ମୁଁ ଦେଲି ବୋଲି, ନେବା ଲୋକ
ନେଲା,
କେମିତି କହିବି ମୁଁ ଦୋଷୀ ନୁହେଁ ।

ସମସ୍ତେ କହନ୍ତି ନେତା ଯାକ ଠକ,
ରାଜକୋଷ ଆମ କରନ୍ତି ଫାଙ୍କା ।
ଭୋଟ ଦେଲା ବେଳେ ନୋଟ
ଆମେ ନେବା,
କେମିତି ସେ ଫେରିପାଇବେ ଟଙ୍କା ।

ସମସ୍ତେ କହନ୍ତି, ସତ ଆଉ ନାହିଁ,
ମିଛ କଥା ତେବେ କହୁଛି କିଏ ?
ମୁଁ କେବଳ ଭଲ, ଆଉ ସବୁ ଭେଲ,
କହିବା ଟା କ'ଣ ଉଚିତ ହୁଏ ।

ନିଜେ ଡେଇଁ ଡେଇଁ ଅଙ୍ଗୁର ତୋଳିବା
ନ ତୋଳି ପାରିଲେ ଅଙ୍ଗୁର ଖଟା ।
ଅନ୍ୟ ଦୋଷ ଦେଇ,କେତେ ଦିନ
ଆଉ,
ନିଜକୁ ଠକେଇ ସାଜିବା ବୋକା ।

ବାପା କହେ ପୁଅ ଜମା ଅନଉନି,
ବୁଢ଼ା କାଳେ ଟିକେ ପାଉନି ସୁଖ ।
ଭାବିଲ ତ ଦେଖି, ତୁମ ଯୁବାକାଳେ,
ବୁଝିଛକି କେବେ ବାପାର ଦୁଃଖ ।

ନିମ୍ବ ଗଛ ପୋତି, ଆଶା କରିବା କି,
ସେ ଗଛରୁ ଗୋଟେ ଆମ୍ବର ଫଳ ।
କର୍ମ ଘେନି ଫଳ, ତୁଠ ଘେନି ଜଳ,
ଶୁଣି ଆସୁଛନ୍ତି, କାଳକୁ କାଳ ।

ଆଖି ବୁଜି ଆମେ, କ୍ଷୀରକୁ ପିଇବା,
ଭାବିବା ଏ କଥା ଦେଖୁନି କେହି ।
ପ୍ରତି ପଦକ୍ଷେପ ଦୁନିଆ ଦେଖୁଛି,
ଏ କଥା ମନେରେ ରଖିଥା ଭାଇ ।

ଦେଶ ପାଇଁ ଆମ କର୍ତ୍ତବ୍ୟ ରହିଛି,
ସେ କଥାକୁ ଆମେ ଯାଆନ୍ତି ଭୁଲି ।
ଅଧିକାର ଖାଲି ସାବ୍ୟସ୍ତ କରନ୍ତି,
କର୍ତ୍ତବ୍ୟକୁ ମଣି ଧର୍ତ୍ତବ୍ୟ ବୋଲି ।

ନିଜେ ବଦଳିଲେ ଦେଶ ବଦଳିବ,
ଦୋଷ ଦେବା ପାଇଁ ନଥିବେ କେହି ।
ରାମରାଜ୍ୟ ଭଳି ଆମ ଦେଶ ହେବ,
ସର୍ବେ ଯଦି ଥିବା ନୀତିରେ ରହି ।


❤ଆଡଭୋକେଟ, ଭଦ୍ରକ
ମୋ:୯୩୩୭୬୨୩୬୮୫


## ବସନ୍ତ

### କବି ବିପ୍ଳବ



କୃଷ୍ଣଚୂଡ଼ାର ରଙ୍ଗୀନ କବରୀ ଝୁଲେଇ
ଧସେଇ ପଶିଚି ବସନ୍ତ
ବ୍ୟାଧିଗ୍ରସ୍ତ ସବୁଜଗ୍ରହକୁ ।

ପଳାଶ ବିଞ୍ଚୁଛି ମୁଠା ମୁଠା ଫଲଗୁ
ଓଠଧାରେ ମାଖି ଗାଢ଼ ଲାଲ୍ ଲିପିଷ୍ଟିକ୍
ଆମ୍ରକୁଞ୍ଜରେ କୋଇଲିର କୁହୁତାନ
ପ୍ରଣୟର ଆଦ୍ୟଧ୍ୱନି ପରି
କରେ ରୋମାଂଚିତ
ଅତିକ୍ରମକରି ମାନବସୃଷ୍ଟ
ଯେତେ ସବୁ ସୀମା ସରହଦ ।

ପ୍ରକୃତିରେ ମଧୁମାସ
କୁଞ୍ଜବନେ କୃଷ୍ଣରାସ
ବଉଳର ମିଠାବାସ
ଏ ଅମୃତ କାଳରେ
ମଣିଷ ସାଜିଛି ଆଗ୍ନେୟଗିରି
ଲହ ଲହ କରି ସ୍ୱାର୍ଥର ଜିଭ
ଉଦ ଗାରୁଛି ବିଷ
କରି ଅସତ୍ୟର ଜୟଗାନ ।

ଦରପୋଡ଼ା ମାଟିରେ
ଘୃଣାର ବୀଜ ମେଲୁଛି କୁଆଁ
ଏ ବେଳରେ ବୋମା ନୁହେଁ
ସବୁରି ପ୍ରାଣକୁ ଲୋଡ଼ା
ବସନ୍ତର ମଳୟ ଛୁଆଁ ।


❤ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬


## ଫଗୁଣ

### ଧ୍ରୁବ ଚରଣ ବେହେରା



ରଙ୍ଗ ସବାରୀରେ ହସୁଛି ଫଗୁଣ
କୋଇଲି ଗାଉଛି ଗୀତ
ବସନ୍ତର ଶେଯେ ପଳାଶ ସୁନ୍ଦରୀ
ସାଜିଛି ମନର ମିତ ।

ନବ ପଲ୍ଲବିତେ ଯୌବନ ଉଚ୍ଛୁଳେ
ପାଦପର ଅଙ୍ଗେ ରଙ୍ଗେ
କେତେ କାହାଣୀର କାକଳୀର ସ୍ୱର
ଭାସି ଆସେ ମଧୁ ସଙ୍ଗେ ।

ଧରିଣୀ ରାଣୀର ଓଢଣୀ ତଳରେ
କାବ୍ୟର ଶୃଙ୍ଗର ଝରେ
ସବୁଜ ସୁନ୍ଦର ଝିଲି ମିଲି ପ୍ରୀତି
କୁସୁମ ଉଦ୍ୟାନ ତୀରେ ।

ମଳୟ ଛୁଆଁରେ ପ୍ରୀତି ପ୍ରଜାପତି
ଡେଣା ଝାଡି ଯାଏ ଉଡି
ନବ ରମଣୀର ଆନମନା ମନ
ସପନରେ ହଜେ ସ୍ମୃତି ।

ଭବ୍ୟ ପ୍ରକୃତିର ସୁନାଝରା କ୍ଷଣ
ଲେଖଇ କେତେ ରାଗିଣୀ
ଉପବନେ ଖେଳେ ରମ୍ୟ ଅନୁଭୂତି
ବସନ୍ତ ଆସିବା ଜାଣି ।

କେଉଁ କାରିଗର ବିଚିତ୍ର ତୂଳୀରେ
ଆଙ୍କେ ସୁରମ୍ୟର ଛବି
ଲାଗୁଥାଏ ସତେ ବସନ୍ତ ମଞ୍ଜୁଳ
ଋତୁରାଜ ପ୍ରେମ ରାଜି ।

ଷଢ କାଦମ୍ବରୀ ରସମୟୀ ରସ
ଝରୁଥାଏ ରସାଦନେ
ପ୍ରୀତିମୟ ବାସ ଅଭୁଲା ଏ ଗାଥା
ମନେ ପଡେ ସବୁ ଦିନେ ।


❤ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


## ମୋ ଅଭୁଲା ସ୍ମୃତି

### ଅଞ୍ଜୁ ବାରିକ

ମନେ ପଡେ ଆଜି ପୁଣି
ମୋର ପିଲା ବେଳ,
ଗାଁ ଚାଟଶାଳୀ ସାଙ୍ଗ ସାଙ୍ଗେ
ମୋର ପୁଚି ଖେଳ ।

ପିଲା ବେଳୁ ଥିଲି ସମର୍ପିତ
ଅଧ୍ୟୟନ ପାଇଁ,
ଏକାଗ୍ରତା ଲଭି ନିଷ୍ଠେ ପାଇଲି
ସଫଳତା ମୁହିଁ ।

ଗୁରୁଜନଙ୍କ ଶିକ୍ଷା ଦାନ,ମୋ
ଜୀବନର ଉପହାର,
ପୁଣି ଥରେ ଆଜି ତାଙ୍କୁ ମୁଁ
କରୁଛି ନମସ୍କାର ।

ଛାଡିଯାଏ ମୋ ଚପଳତା
ସ୍ୱଜ୍ଞାନ ଲଭିଲେ,
ଗୁରୁ ଶିକ୍ଷା, ମାତା ପିତାଙ୍କ
ଆଶିଷ ପ୍ରାପ୍ତି କଲେ ।

ମୁହିଁ ଦିନେ ଲକ୍ଷ୍ୟ ପ୍ରତି
ହୋଇଥିଲି ଅଗ୍ରସର,
ଉଚ୍ଚ ବିଦ୍ୟାଳୟ ଗୁରୁଜନଙ୍କର
ଅଭିପ୍ରେରଣା ରେ ତାଙ୍କର ।

ଅଭୁଲା ସ୍ମୃତି ପୂର୍ଣ୍ଣ ସେ
ଦୁଇ ବର୍ଷ ଜୀବନ,
ହଳଦୀପାଳି ରେ ଅବସ୍ଥିତ
ସେହି ପୂନ୍ୟ ସ୍ଥାନ ।
ଅଦୂରରେ ମୋ ଜୀବନ
କରୁଥିଲା ବାସ,
ସାଙ୍ଗ ସାଥି ମନେ ପଡିଗଲେ
ମୁଖରେ ପ୍ରକାଶୁଛି ହସ ।

ପଞ୍ଚ ପାଞ୍ଚ ବର୍ଷ ପୂର୍ଣ୍ଣ
ହୋଇଛି ଆଜି,
ଉଜ୍ୱଳମୟ ବିଦ୍ୟାଳୟ ମୋ
ହୋଇଛି ନାନାରଙ୍ଗେ ସାଜି ।

ପୁଣି ଥରେ ପ୍ରକାଶୟୀ
ସ୍ମୃତିର ଜୁଆର,
କେଉଁଠାରେ ଲୁଚିଥିଲା ସତେ
ଅନ୍ତର ହୃଦୟ ମୋର ।

ହୃଦୟରୁ ପ୍ରକାଶୟୀ ଆଜି
କାମନା ଏକା ମୋର,
ସ୍କୁଲ ସାଥେ ବନ୍ଧା ହୋଇଥାଉ
କେତେ ସ୍ମୃତି ମୋର ।


❤ସାନ-ଅମ୍ଳୀପାଳି
ବରଗଡ

# ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନାଁରେ ଲୋକଙ୍କୁ ଭୁଆଁ ବୁଲା ଯାଉଛି



ରାଉରକେଲା, ୨୭/୦୩ (ନି.ପ୍ର): ବ୍ରାହ୍ମଣୀ ନଦୀକୁ ପ୍ରଦୂଷଣମୁକ୍ତ କରିବାକୁ ସହରରେ ସ୍ଥାପନ ହେଲା ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି)। ତେବେ ୪୦ ଏମ୍‌ଏଲ୍‌ଡିର ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ନାଁକୁ ମାତ୍ର କାର୍ଯ୍ୟକ୍ଷମ ହୋଇଛି। ପୂର୍ବପରି ସହରରୁ ନିର୍ଗତ ବର୍ଜ୍ୟଜଳ ସିଧାସଳଖ ବ୍ରାହ୍ମଣୀନଦୀରେ ମିଶୁଛି। ତରକେରାଠାରେ ବିନା ଟ୍ରିଟମେଣ୍ଟରେ ବ୍ରାହ୍ମଣୀକୁ ବର୍ଜ୍ୟଜଳ ଛାଡି ଦିଆଯାଉଛି। ସେପଟେ ଲୋକଦେଖାଣିଆ ଭାବେ ବାଲୁଘାଟ ଏସ୍‌ଟିପିରେ କିଛି ମାତ୍ର ଜଳକୁ ଟ୍ରିଟ୍‌ମେଣ୍ଟ କରାଯାଉଛି। ଟ୍ରିଟମେଣ୍ଟ ହେବା ପରେ ଏହି ଜଳ ପୂର୍ଣ୍ଣ ବ୍ୟବହାରଯୋଗ୍ୟ ହେବ ବୋଲି କୁହାଯାଇଥିଲା।

କିନ୍ତୁ ଆଜି ଯାଏଁ ଟ୍ରିଟମେଣ୍ଟ ଜଳ କେଉଁଠି ବ୍ୟବହାର ହେଉଛି, କାହାକୁ ଜଣା ନାହିଁ। ପ୍ରକୃତରେ ଲୋକଙ୍କୁ ଭୁଆଁ ବିଲାଇବାଲାଗି ଜଳ ଟ୍ରିଟ୍‌ମେଣ୍ଟର ନାଟକ କରା ଯାଉଛି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ କେବେ ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ, ବ୍ରାହ୍ମଣୀନଦୀ ପ୍ରଦୂଷଣରୁ ମୁକ୍ତି ପାଇବ କାହାରି ପାଖରେ ସନ୍ତୋଷଜନକ ଉତ୍ତର ନାହିଁ। ପ୍ରଦୂଷିତ ବ୍ରାହ୍ମଣୀକୁ ନେଇ ଆଞ୍ଚଳିକ ପ୍ରଦୂଷଣ ବିଭାଗ ଅନେକବାର ଜିଲ୍ଲା ପ୍ରଶାସନ ଓ ଆରଏମ୍‌ସିକୁ ଦାଗିଦ୍ କରିଛି। ବାରମ୍ବାର କାରଣଦର୍ଶାଅ ନୋଟିସ୍ ମଧ୍ୟ ଜାରି କରିଛି। ପ୍ରଦୂଷଣ ବିଭାଗର କାରଣଦର୍ଶାଅ ନୋଟିସ୍ ଜିଲ୍ଲା ପ୍ରଶାସନ ବିଭାଗୀୟ ଅଧିକାରୀଙ୍କ ଉପରେ ସେମିତି କୌଣସି ପ୍ରଭାବ ପକାଇ ପାରିନି। ଗତ ୨୦୧୭ରେ ପ୍ରାୟ ୩୬୩ କୋଟି ଟଙ୍କା ବ୍ୟୟରେ ଏହି ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ରକଳ୍ପ ଆରମ୍ଭ ହୋଇଥିଲା।

୩ ବର୍ଷ ଭିତରେ, ଅର୍ଥାତ୍ ୨୦୨୦ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରକଳ୍ପ କାମ ଶେଷ ହୋଇପାରି ନଥିଲା। ଠିକା ସଂସ୍ଥାକୁ ବିଭାଗୀୟ ଅଧିକାରୀମାନେ ସମୟ ପରେ ସମୟ ଦେଇ ଚାଲିଥିଲେ। ବିଡମ୍ବନା, ଆଜି ସୁଦ୍ଧା ଆହୁରି ୨୦% କାମ ବାକି ରହିଛି। ଇତି ମଧ୍ୟରେ କିନ୍ତୁ ବାଲୁଘାଟସ୍ଥ ଏସ୍‌ଟିପିକୁ କାର୍ଯ୍ୟକ୍ଷମ କରି ଦିଆଯାଇଛି। ହେଲେ ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଲୋକଙ୍କ କୌଣସି କାମରେ ଆସୁନି। ଫଳରେ ଡାକ୍ତରଖାନା, ହୋଟେଲ, ଘର, ଛୋଟ ଛୋଟ କାରଖାନାରୁ ନିର୍ଗତ ବର୍ଜ୍ୟଜଳ ସହରର ପ୍ରମୁଖ ଡ୍ରେନ୍ ଦେଇ ତରକେରା ଓ ବାଲୁଘାଟରେ ପହଞ୍ଚୁଛି। ବାଲୁଘାଟସ୍ଥ ଏସ୍‌ଟିପିରେ ବର୍ଜ୍ୟଜଳ ଟ୍ରିଟମେଣ୍ଟ ହେଉଥିଲାବେଳେ ତରକେରାରେ ସିଧାସଳଖ ବ୍ରାହ୍ମଣୀ ନଦୀରେ ମିଶୁଛି।

କେବଳ ଏତିକି ନୁହେଁ, ବ୍ରାହ୍ମଣୀନଦୀକୁ ସଂଯୋଗ କରୁଥିବା ପ୍ରମୁଖ ନାଳାରେ ଲୋକମାନେ ଗାଈଗୋରୁ, ମଇଁଷି, ବୁଲା କୁକୁରଙ୍କ ଶବ ପକାଉଛନ୍ତି। ଉଦିତନଗର ସାରନାଛକ -ଶୀତଳପଡା ବସ୍ତି ମଧ୍ୟ ଦେଇ ଯାଇଥିବା ପ୍ରମୁଖ ନାଳାରେ ଅଧିକାଂଶ ସମୟରେ ମଲା ଗାଈଗୋରୁ, ମଇଁଷି ପଡିଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକ ଏ ସଂକ୍ରାନ୍ତରେ ଆରଏମ୍‌ସିର ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର କହୁଥିଲେ ହେଁ କିଛି ସୁଫଳ ମିଳୁନି। ଫଳରେ ନଦୀ ଉପରେ ନିର୍ଭରଶୀଳ ହଜାର ହଜାର ଲୋକ ଦୂଷିତ ପାଣିକୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଖରାଦିନେ ନଦୀ ଜଳ ହ୍ରାସ ପାଇବା ଓ ପ୍ରଦୂଷଣ ମାତ୍ରା ବଢୁଥିବାରୁ ସ୍ଥିତି ଆହୁରି ସଙ୍ଗୀନ ହେଉଛି। ବୁଲା ପଶୁ ପକ୍ଷୀ ସେହି ଦୂଷିତ ପାଣିକୁ ପିଉଥିବାରୁ ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକାଂଶ ବସ୍ତିବାସିନ୍ଦା ବିଭିନ୍ନ ପ୍ରକାର ଚର୍ମରୋଗରେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। କିଛି ମାସ ପୂର୍ବରୁ ବ୍ରାହ୍ମଣୀ ସମେତ ରାଜ୍ୟର ଅନ୍ୟ କିଛି ନଦୀର ଜଳ ଦିନକୁ ଦିନ ପ୍ରଦୂଷିତ ହେଉଥିବାରୁ ବିଧାନସଭାରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଥିଲା।

# କୋଶଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ବୈଠକର ଆହ୍ୱାନ

ବଲାଙ୍ଗିର, ୨୭/୦୩ (ନି.ପ୍ର): କୋସଲ ରାଜ୍ୟ ସମନ୍ୱୟ ସମିତିର ଏକ ଜରୁରୀ କେନ୍ଦ୍ରୀୟ ସାଧାରଣ ବୈଠକ ବଲାଙ୍ଗିର ଯାଦବ ଭବନ ଠାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ କେନ୍ଦ୍ରୀୟ ମୁଖ୍ୟ ସଂଯୋଜକ ପ୍ରଶାନ୍ତ ମାଝୀ ସଂଯୋଜନା କରିଥିଲେ। ବୈଠକର ପ୍ରାରମ୍ଭ ରେ ଦିବଙ୍ଗତ କୋସଲବାଦୀ ନେତା କେଦାରନାଥ ପଟେଲ ଓ ବେଣୁ ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କଲା ପରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆଗାମୀ ଦିନରେ ସଠିକ୍ ବିଚାରଧାରା ରଖିଥିବା ସବୁ କୋସଲବାଦୀମାନଙ୍କୁ ଆଗାମୀ ଦିନରେ ଗୋଟିଏ ମଂଚରେ ରଖି ତଥା ଶୃଙ୍ଖଳିତ ଓ ଆତ୍ମତ୍ୟାଗୀ ଯୁବ ନେତୃତ୍ୱମାନଙ୍କୁ ସାମନା କୁ ଆଣି କୋସଲ ରାଜ୍ୟ ମୁକ୍ତି ପାଇଁ ଏକ ବୃହତ ଜନ ଆନ୍ଦୋଳନ ପୁନଃ ସଂଗଠିତ କରିବାକୁ ନିଷ୍ପତି କରାଯାଇଥିଲା। ଏହାଛଡା କେନ୍ଦ୍ରୀୟ ସଂଗଠନର ନେତୃତ୍ୱ ମଣ୍ଡଳୀର ସଂପ୍ରସାରଣ ଓ ଆଦର୍ଶଗତ ଶିକ୍ଷାଶିବୀର ମାନ କରାଯିବାକୁ ମଧ ନିଷ୍ପତି କରାଯାଇଥିଲା । ଆଗାମୀ ଏପ୍ରିଲ ୧କୁ ପ୍ରତିବର୍ଷ ଭଳି ଏ ବର୍ଷ ମଧ କଳା ଦିନ ହିସାବରେ ପାଳନ କରିବାକୁ ଏହି ବୈଠକରେ ସ୍ଥିର କରାଯାଇଥିଲା। ଉପସ୍ଥିତ କୋସଲବାଦୀ ନେତୃମଣ୍ଡଳୀ ଙ୍କୁ ଉଦ୍ ?ବୋଧନ ଦେଇ କୋସଲବାଦୀ ନେତା ପ୍ରମୋଦ ମିଶ୍ର ଆଗାମୀ ଏପ୍ରିଲ ୧କୁ ସମଗ୍ର କୋସଲବାସୀ ଘରେ ଘରେ କଳା ଦିନ ହିସାବରେ ପାଳନ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଏହାଛଡା ଯେଉଁମାନେ ବାସ୍ତବରେ କୋସଲ ପ୍ରତି ସମର୍ପିତ ସେଭଳି କୋସଲବାଦୀ ସଂଗଠନମାନେ ଏକଜୁଟ ହୋଇ ଏହି କଳା ଦିନ ପାଳନକୁ ବ୍ୟାପକ କରନ୍ତୁ ବୋଲି ସେ ନିବେଦନ କରିଥିଲେ। ଯେଉଁମାନେ ନିଜର ରାଜନୈତିକ କେରିଅର କିମ୍ବା ଆର୍ଥିକ ଆବଶ୍ୟକତା ପାଇଁ କୋସଲ ଆନ୍ଦୋଳନକୁ ବ୍ୟବହାର କିମ୍ବା ନିନ୍ଦିତ କରୁଛନ୍ତି ସେଭଳି ଲୋକଙ୍କୁ ଦୃଢ ଜବାବ୍ ଦେବାକୁ ସେ କୋସଲ ଆନ୍ଦୋଳନକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିପ୍ଳବରେ ମିଥ୍ୟା ପ୍ରଚାର କିମ୍ବା ଚିରିତ୍ର ସଂହାର ର ସ୍ଥାନ ନଥାଏ ତେଣୁ ଯେଉଁମାନେ ବାସ୍ତବରେ କ୍ରାନ୍ତିକାରୀ ସେମାନେ ଏ ଭଳି ବ୍ୟକ୍ତିମାନଙ୍କ ଠାରୁ ଦୂରେଇ ରହନ୍ତୁ ବୋଲି କହିବା ସହ କୋସଲ ଅଂଚଳରେ ରହି ଯେଉଁମାନେ କୋସଲ ଆନ୍ଦୋଳନର କ୍ଷତି କରିଛନ୍ତି କିମ୍ବା କରୁଛନ୍ତି ସେଭଳି ବ୍ୟକ୍ତିମାନଙ୍କୁ ଖୁବ୍ ଶିଘ୍ର ଦୃଢ ଜବାବ୍ ଦିଆଯିବ ବୋଲି ଶ୍ରୀ ମିଶ୍ର ଚେତାବନୀ ଦେଇଥିଲେ।

ଏହି ବୈଠକରେ କେନ୍ଦ୍ରୀୟ ଉପାଧକ୍ଷ ମନୋରଂଜନ ସିଂ ବରିହା, ସଂଗଠକ ବିଭୁଦତ ମିଶ୍ର, କିଶୋର ହୋତା, ଡୋଳାମଣି ପ୍ରଧାନ, ରାମଚନ୍ଦ୍ର ଅମାତ, ସୁବେଦାର ଲଳିତ କୁମାର ସାହୁ, ପ୍ରମୋଦ ଝାଙ୍କର, ଗୌରୀ ତନ୍ତୀ, ଆଶ୍ରୟ ମହାନନ୍ଦ, ରଣରାଜ ସିଂଦେଓ, ଶରତ କୁମାର ହୋତା, ଦୀପକ କୁମାର ରଥ, କିଶୋର ପୁରୋହିତ, ରବି ଶଙ୍କର ମିଶ୍ର, ଗିରିଶ ଚନ୍ଦ୍ର ମାଝି, ସୁରଶେନ ବହିଦାର, ଶାନ୍ତନୁ କୁମାର ବୁଧିଆ, ପ୍ରସନ୍ନ ନେଗୀ, ପ୍ରଭାସ ମିଶ୍ର, ଅଭିଳାଷ ଭୋଇ ଙ୍କ ସମେତ ବହୁ ସଂଗଠକ ଯୋଗ ଦେଇଥିଲେ।

# ମୋଦୀ ସରକାରର ଆକ୍ରୋଶ ରାଜନୀତି ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ସତ୍ୟାଗ୍ରହ

କେନ୍ଦ୍ରାପଡ଼ା, ୨୭/୦୩ (ନି.ପ୍ର): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି କେନ୍ଦ୍ର ମୋଦୀ ସରକାରର କ୍ରମବର୍ଦ୍ଧିଷ୍ଣୁ ଅକ୍ରୋଶ ରାଜନୀତିର ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ତରଫରୁ ସଭାପତି ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ପ୍ରତିମୂର୍ତି ନିକଟରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଛି ଓ ସତ୍ୟାଗ୍ରହୀମାନେ ରାମଧ୍ୱନି ଜପକରି ପ୍ରତିହିଂସା ପରାୟଣ ରାଜନୀତି ବିରୋଧରେ ଗାନ୍ଧୀଙ୍କ ମାର୍ଗ ଅନୁସରଣ କରି ନିରବ ପ୍ରତିବାଦ କରିଥିଲେ। ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି ସତ୍ୟାଗ୍ରହୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଜିଲ୍ଲା କଂଗ୍ରେସ ରାହୁଲ ଗାନ୍ଧୀଙ୍କ ସହ ଅଛି ଓ ପ୍ରତ୍ୟେକ ସରକାରୀକୁ ଚକ୍ରାନ୍ତର ଜବାବ ଦେବାକୁ ପଛାଇବ ନାହିଁ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ତାଙ୍କ ବକ୍ତବ୍ୟରେ କେନ୍ଦ୍ର ବିଜେପି ସରକାରକୁ ଚେତାବନୀ ଦେଇ କହିଥିଲେ ଗଣତନ୍ତ୍ର, ସମ୍ବିଧାନ ତଥା ବ୍ୟକ୍ତି ସ୍ୱାଧୀନତା ଅପହରଣ କରିବା ମାର୍ଗରୁ ଓହରି ନଆସିଲେ ଦେଶ ତଥା ରାଜ୍ୟବାସୀ କେବେ କ୍ଷମା ଦେବେ ନାହିଁ ଓ ରାହୁଲ ଗାନ୍ଧୀଙ୍କ 'ଡରୋ ମତ୍' ଆହ୍ୱାନ ଗ୍ରହଣ କରିବାକୁ ନିବେଦନ କରିଥିଲେ । ଆଜିର ଏହି ସତ୍ୟାଗ୍ରହ ଆନ୍ଦୋଳନରେ କଂଗ୍ରେସ ନେତୃମଣ୍ଡଳୀଙ୍କ ମଧ୍ୟରେ ସର୍ବଶ୍ରୀ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ଆକବର ଅଲ୍ଲୀ, ରାଜେଶ ମହାନ୍ତି, ଚିତ୍ରସେନ ପରିଡା, ଅମୂଲ୍ୟ ପ୍ରଧାନ, ମଳୟ ଦାସ, ଜୟନ୍ତ ମହାନ୍ତି, ବିଭ୍ରାଂଶୁ ଲେଙ୍କା, ସତ୍ୟପ୍ରିୟ ସାମଲ, ପରଭେଜ ଅକତର, ପ୍ରଦୀପ ପ୍ରଧାନ, କବିନ୍ଦ୍ର ସାମଲ, ରାକେଶ ମହାନ୍ତି, ଅବିନାଶ ଲେଙ୍କା, ନାରାୟଣ ପରିଡା, ମୁକ୍ତାର ଖାଁ, ଉମାଶଙ୍କର ଜେନା, ସୁଖଦାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ, ରଘୁନାଥ ଶତପଥୀ, ବାବୁରାମ ଜେନା, ମଙ୍ଗୁଳି ପ୍ରସାଦ ବେହେରା, ରବିନ୍ଦ୍ର କୁମାର ବେହେରା, ସତ୍ୟ ରଞ୍ଜନ ପରିଡା, ରଞ୍ଜନ କୁମାର ପରିଡା, ଅନନ୍ତ ସେଠୀ, ମଳୟ ଓଝା, ଯଦୁମଣି ଦାସ, ସମୀର ଜେନା, ସର୍ବେଶ୍ୱର ସେଠୀ, ଶକ୍ତି ପ୍ରସାଦ ସ୍ୱାଇଁ, ସମ୍ରାଟ ଜେନା, ଅନନ୍ତ ସେଠୀ, ରମାକାନ୍ତ ଦାଶ, ସନାତନ ବିଶ୍ୱାଳ, ନିରାକାର ଜେନା, ରଘୁନାଥ ସେଠୀ, ରବିନ୍ଦ୍ର ସ୍ୱାଇଁ, ସେକ୍ ବାବୁ, ବିକାଶ ମଲ୍ଲିକ, ସୌମେନ୍ଦ୍ର ପୃଷ୍ଟି, କମଳାକାନ୍ତ ବେହେରା, ମିର୍ ମୁରସିଦ୍, ଗଣେଶ ଚନ୍ଦ୍ର ମେକାପ, ଅନନ୍ତ କୁମାର ସ୍ୱାଇଁ, ରତିକାନ୍ତ ସାମଲ, ପିତାମ୍ବର ଜେନା, ବିଚିତ୍ର ଲେଙ୍କା, ସୃଜୟ ଦାସ, ପ୍ରମୋଦ କୁମାର ନାଥ, ଗୁଣାକର ମିଶ୍ର, ଅଶୋକ ବଳ, ବିଭୂତି ଭୂଷଣ ଦାଶ, ବାବାଜୀ ଭୋଳ, ସେକ୍ ମ୍ୟୁନିସ୍, କୁଳମଣୀ ସାମଲ, ସୁଧୀର ରାଉତ ଓ ନିରଞ୍ଜନ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ତରଫରୁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୭/୦୩ (ନି.ପ୍ର): ବିଜେପି ଓବିସି ମୋର୍ଚ୍ଚା କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ପ୍ରସ୍ତୁତି ବୈଠକ ଇଛାପୁର ସ୍ଥିତ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଭାପତି ସତ୍ୟ ପ୍ରକାଶ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ରାଜ୍ୟ ସଭାପତି ସୁରତ ବିଶ୍ୱାଳ, ସଂପାଦକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଉପସ୍ଥିତ କାର୍ଯ୍ୟକର୍ତାଙ୍କ ସହିତ ଦଳର ଆଗାମୀ କାର୍ଯ୍ୟକ୍ରମ ଗାଁ ଗାଁ ଚାଲ ଘର ଘର ଚାଲ ଅଭିଯାନ ବିଷୟରେ ଆଲୋଚନା କରିଥିଲେ । ଏଥିସହିତ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ଜିଲ୍ଲା ଓବିସି ମୋର୍ଚ୍ଚା ସଂପାଦକ ସିଲୁ ପ୍ରସଦ ମହାରଣା, କୋଷାଧକ୍ଷ ଅମୁଲ୍ୟ ଦାସ, ଉପ ସଭାପତି ଜ୍ଞାନ ରଞ୍ଜନ ପ୍ରଧାନ, ସଧାରଣ ସଂପାଦକ ଅମୁଲ୍ୟ ପରିଡା, ମହିଳା ମୋର୍ଚ୍ଚା ସଂପାଦିକା ଝିଲ୍ଲୀ ଦାସ, ରଶ୍ମି ରଞ୍ଜନ ରାଉତରାୟ ପ୍ରମୁଖ ନେତୃ ମଣ୍ଡଳୀ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# କେମୁଣ୍ଡିଆରେ ଚବିଶ ପ୍ରହର ଅଖଣ୍ଡ ନାମ ଯଜ୍ଞ

ଚମ୍ପୁଆ, ୨୭/୦୩ (ନି.ପ୍ର): ଚମ୍ପୁଆ ବ୍ଲକ ଉଚ୍ଚବାଲି ପଂଚାୟତ ଅନ୍ତର୍ଗତ କେମୁଣ୍ଡିଆ ଗ୍ରାମରେ କେମୁଣ୍ଡିଆ ରାଧା ମାଧବ ସଂକୀର୍ତନ ମଣ୍ଡଳୀ କମିଟି ଆନୁକୂଲ୍ୟରେ ଶ୍ରୀ ଶ୍ରୀ ନିତାଇ ଗୌର ମହାପ୍ରଭୁଙ୍କ ଶହେ ତମ ବିଶ୍ୱ ଶାନ୍ତି ଚବିଶ ପ୍ରହର ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହେଉଛି। ଶନିବାର ଅଧିବାସରେ ବୈତରଣୀ ନଦୀ ରୁପାକୁଣ୍ଡ ଘାଟ ରୁ ପବିତ୍ର ଜଳ ଆଣି ଘଟ ସ୍ଥାପନା କରାଯାଇ ଥିବାବେଳେ ରବିବାର ଦିନ ଠାରୁ ନାମଯଜ୍ଞ ଆରମ୍ଭ ହୋଇଛି। ପୂଜକ ବିରଂଚି ନାରାୟଣ ମିଶ୍ର ପୂଜା ଅର୍ଚନା କରିବା ପରେ ଗ୍ରାମର ସଂକୀର୍ତନ ମଣ୍ଡଳୀ ସଦସ୍ୟ ମାନେ ପ୍ରଥମେ ନାମ ନେଇ ଥିଲେ। ଏଥି ସହିତ ଅନ୍ୟାନ୍ୟ ଦଳ ଗୁଡିକ ମଧ୍ୟ ରେ ଡୁମୁରିଆ, ଭୀମକୁଣ୍ଡ, ଜଳଡିହି, ବାଂଶପାଳ, ରାଇଡିହା ଓ କମାରମରା ଇତ୍ୟାଦି ଅଂଚଳର ସଂକୀର୍ତନ ମଣ୍ଡଳୀ ସବୁ ଯୋଗ ଦେଇ ପ୍ରଭୁଙ୍କର ନାମ ଗାନ କରି ଆସୁଛନ୍ତି। ଏହି ନାମ ଯଜ୍ଞ ଆସନ୍ତା ବୁଧବାର ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଉଦଯାପନୀ ଦିବସରେ ବୈଠକୀ ପାଲା, ଦଧିଭାଣ୍ଡ ଓ ନଗର କୀର୍ତନ ହେବ ବୋଲି ସୂଚନା ଦିଆ ଯାଇଛି । ନାମ ଶୁଣିବା ଓ ଦେଖିବାକୁ ଗ୍ରାମ ତଥା ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଜନ ସାଧାରଣ ସମାଗମ ହେଉଥିବା ଦେଖିବାକୁ ମିଳୁଛି । କାର୍ଯ୍ୟକ୍ରମକୁ ଗ୍ରାମର ସଂକୀର୍ତନ ମଣ୍ଡଳୀ ସଦସ୍ୟ ସୂର୍ଯ୍ୟକାନ୍ତ ନାଏକ, ମହେନ୍ଦ୍ର ନାଏକ, ଜନ୍ମେଜୟ ନାଏକ, କୁମୁଦ ନାଏକ, ଅଲେଖ ନାଏକ, ସୀତାରାମ ନାଏକ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହେଉଛି ।

# ଚିତ୍ରକୋଣ୍ଡାରେ ବିଜେଡ଼ି ପକ୍ଷରୁ ବିଶାଳ ମହିଳା ସମାବେଶ

ମାଲକାନଗିରି, ୨୭/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଠାରେ ବିଜୁ ଜନତା ଦଳ ପକ୍ଷରୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏହି ସମାବେଶ ରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧ ୮ ଟି ପଂଚାୟତ ରୁ ତିନିହଜାରୁ ଉର୍ଦ୍ଧ ମହିଳା ସମାବେଶ ରେ ଯୋଗ ଦେଇଥିଲେ କ୍ଷ ଏହି କାର୍ଯ୍ୟକ୍ରମ କୁ ମାଲକାନଗିରି ଜିଲ୍ଲା ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବରେ ବିଜୁ ଜନତା ଦଳର ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ରାଜ୍ୟ ସାଧାରଣ ସମ୍ପାଦିକା ଲୋରା ମହାପାତ୍ର, ମାଲକାନଗିରି ସ୍ୱତନ୍ତ୍ର ବିକାଶ ପରିଷଦ ଆଡମା ରାବା, ପୂର୍ବତନ ବିଧାୟକ ମାନସ ମାଡକାମୀ, ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଂଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ବିଜୁ ଜନତା ଦଳର ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଗୋପାଳ ପଣ୍ଡା, ବରିଷ୍ଠ କର୍ମୀ ଦେବନ୍ଦ୍ର ଦାସ, ପିତାମ୍ବର ଖେମୁଡୁ, ଶିବପ୍ରସାଦ ଖରା, ହରି ମୋହନ ଖିଲ, ଅମିତ ଆଗ୍ରବାଲ, ଅର୍ଜୁନ ଦଳେଇ, କମଲୁ ହଂଟାଲ, ରଘୁ ଖରା, ରଞ୍ଜନ ପାଙ୍ଗି ଉପସ୍ଥିତ ଥିଲେ କ୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ମହିଳା ମାନଙ୍କ ପାଇ କରଥିବା ଯୋଜନା ଗୁଡିକ ସମ୍ପର୍କ ରେ ଆଲୋଚନା ହୋଇଥିଲା। ରାଜ୍ୟ ର ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ରାଜ୍ୟ ର ମହିଳା ମାନେ କିପରି ଭାବରେ ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟ ରେ ସମସ୍ତେ ଅତିଥି ମାନେ ବୁଝେଇ ଥିଲେ କ୍ଷ ଶେଷରେ ଭଲ କାମ କରିଥିବା ଏସଏଚଜି ମାଆ ମାନଙ୍କୁ ପୁରସ୍କୃତ କରାଯାଇଥିଲେ। ବିଜୁ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ସୂଚନା ଦେଇଛନ୍ତି ଆଗାମୀ ଦିନରେ ଏଭଳିଆ ବିଶାଳ ବିଜେଡି ମହିଳା ସମାବେଶ ବିଭିନ୍ନ ସ୍ଥାନ ରେ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଜିଲ୍ଲା ଓକିଲ ସଂଘର ନିର୍ବାଚିତ ପ୍ରତିନିଧିଙ୍କ ଶପଥଗ୍ରହଣ ଉତ୍ସବ

ମାଲକାନଗିରି, ୨୭/୦୩ (ନି.ପ୍ର): ସାରା ଓଡ଼ିଶାରେ ସମସ୍ତ ଓକିଲ ସଂଘର ନିର୍ବାଚନ ୨୫/୦୩ ରେ ସରିଥିବା ବେଳେ ମାଲକାନଗିରି ଓକିଲ ସଂଘର ମଧ ନିର୍ବାଚନ ପ୍ରକ୍ରିୟା ୨୫ ତାରିଖରେ ଶେଷ ହୋଇଛି। ଏହା ପରେ ରବିବାର ସକାଳ ୧୧ଟା ସମୟରେ ଜିଲ୍ଲା ଓକିଲ ସଂଘର ସମ୍ମିଳନୀ କକ୍ଷରେ ନିର୍ବାଚନ ଅଧିକାରୀ ବିଜୟ ମହାନ୍ତି ଓ ଗୋବିନ୍ଦ ପାତ୍ର ବରିଷ୍ଠ ଆଇନଜୀବୀ ସଂଘର ସମସ୍ତ କର୍ମକର୍ତା ମାନଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଲମ୍ବୋଦର ତୁରୁକ, ଉପ ସଭାପତି ଜୋସେଫ ଜେମ୍ସ, ସମ୍ପାଦକ ନୃସିଂହ ଚରଣ ମହାନ୍ତି, ଯୁଗ୍ମ ସମ୍ପାଦକ ଭ୍ବତୋଷ ବିଶ୍ୱାସ, କୋଷାଧକ୍ଷ ବିଭୁ ଆସିସଦାନ ସଗରିଆ, ଉପଦେଷ୍ଟା ଭାବେ ପ୍ରଭାକର ପ୍ରଧାନ, ଗୌତମ ସରକାର, ଭୂଦ୍ୱେ ମହନନ୍ଦିଆ, ସହ ସମ୍ପାଦକ ଭାବେ ବିଜୁ ସରକାର, ଭକ୍ତ ବଣିକ, ହେମନ୍ତ ରାଜୁ ଓ ମାନସ ହଲଦାର, ଏକଜୁକେଟିଭି ବଡି ମେମ୍ବର ଭାବେ ବିଭୁତି ଭୂଷଣ ବେହେରା, ହୃଷୀକେଶ ପଣ୍ଡା, ନରେନ୍ଦ୍ର ଛତ୍ରୀ, ଦିଲୀପ କୁମାର ସାହୁ, ରୀନା ନାଏକ, ସଂଯୁକ୍ତା ଦତ, ରୁମ୍ପା ଦେବନାଥ, ରବୀନ୍ଦ୍ର ନାୟକ, ଅଞ୍ଜନ କାନ୍ତି ହଲଦାର ପ୍ରମୁଖ ସମସ୍ତେ ଆଜି ଶପଥ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଓକିଲ ସଂଘର ଉନ୍ନତି ସହ ଓକିଲ ମାନଙ୍କ ପାଇଁ ବିଭିନ୍ନ ଯୋଜନା କରିବାକୁ ବରିଷ୍ଠ ଆଇନଜୀବି ମାନେ କହିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବି ଦିଲୀପ ପରିଛା, ରାମ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ଗୋପାଳ ରାଓ, ଅଶୋକ ନାଏକ, ଦୁର୍ଗା ପଣ୍ଡା, ସୂର୍ଯ୍ୟ ବ୍ରହ୍ମା, ବିଷ୍ଣୁ ନାଲା, ଜୟଦେବ ପାତ୍ର ପ୍ରମୁଖ ବହୁ ଆଇନଜୀବି ଉପସ୍ଥିତ ଥିଲେ।

# ପୀଡିତାର କ୍ଷତି ପୂରଣ ଓ ପୋକସୋ ଆକ୍ଟ ଉପରେ ସ୍ୱତନ୍ତ୍ର ଶିବିର

ଜୟପୁର, ୨୭/୦୩ (ନି.ପ୍ର): ଜିଲ୍ଲା ଜଜ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ନିର୍ଦ୍ଦେଶକ୍ରମେ "ପୀଡିତାର କ୍ଷତି ପୂରଣ ଓ ପୋକସୋ ଆକ୍ଟ ଉପରେ ସ୍ୱତନ୍ତ୍ର ଶିବିର" ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜଜ ତଥା ଅଧକ୍ଷ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ସତ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ, ଜୟପୁର ଇବି ରାଓ , ପରିବାର ଅଦାଲତ ବିଚାରପତି, ଜୟପୁର ଶ୍ରୀ ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲ୍ଲା ଜଜ , ଜୟପୁର ବାସୁଦେବ ପାତ୍ର, ବରିଷ୍ଠ ଦେବାନି ବିଚାରପତି, ଜୟପୁର ଶ୍ରୀମତୀ ମୁସରତ ଜାହିନ, ବରିଷ୍ଠ ଦେବାନି ବିଚାରପତି(ମହିଳା କୋର୍ଟ), ଜୟପୁର ଶ୍ରୀମତୀ ଅଞ୍ଜଳି ମାଛଖଣ୍ଡ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି, ଜୟପୁର ଶ୍ରୀ ସୁମନ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗ ବିଚାରପତି, ଜୟପୁର ଶ୍ରୀ ଆଦର୍ଶ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, କୋରାପୁଟ ଡାଃ ପ୍ରଶାନ୍ତ କୁମାର ସାମଲ, ଜିଲ୍ଲା ଚିକିତ୍ସା ଅଧିକାରୀ ଡାଃଆରଏଚ ମିଶ୍ର, ଡେପୁଟି ପୋଲିସ ଅଧିକାରୀ, ଶ୍ରୀମତୀ ସୁମିତ୍ରା ଜେନା, ସିଡବଲୁସି ଅଧକ୍ଷ୍ୟା ଗାୟତ୍ରୀ ପାତ୍ର, ଡାଃ ଗାୟତ୍ରୀ ଦେବୀ, ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପୀଡିତା ନ୍ୟାୟ ପାଇବା ସଙ୍ଗେ ସଙ୍ଗେ ଚିକିତ୍ସା, ଥଇଥାନ ଓ କ୍ଷତିପୂରଣ ରାଶିକୁ କିପରି ଆଗାମୀ ଭବିଷ୍ୟତ ପାଇଁ ସୁବିନିଯୋଗ କରିବ ଉପସ୍ଥିତ ବିଚାରପତି ଓ ଏହା ପ୍ରସଙ୍ଗ ସମ୍ପର୍କିତ ବିଭିନ୍ନ ବିଭାଗର ଅଧିକାରୀ ଅପୋଷ ମାଧମରେ ପୁଙ୍ଖାନୁପୁଙ୍ଖନ ଭାବେ ଆଲୋଚନା କରିଥିଲେ ।

# ରାଜ୍ୟ ଅବକାରୀ ବିଭାଗକୁ ଇ-ଗଭର୍ଣ୍ଣାନ୍ସ ପୁରସ୍କାର




ଭୁବନେଶ୍ୱର , ୨୭/୦୩ (ନି.ପ୍ର): ୨୦ତମ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ସ୍ୱତନ୍ତ୍ର ଆଗ୍ରହ ଗୋଷ୍ଠୀ ପକ୍ଷରୁ ରାଜ୍ୟ ଅବକାରୀ ବିଭାଗକୁ ସମ୍ମାନଜନକ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଅବକାରୀ କମିସନର ଆଶିଷ କୁମାର ସିଂହ ଏବଂ ଏନଆଇସିର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ନିହାର ରଞ୍ଜନ ବିଶ୍ୱାଳ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଅବକାରୀ ବିଭାଗରେ ଇ- ଅବକାରୀ କମ୍ପ୍ୟୁଟରୀକରଣ ସହିତ ପ୍ରଯୁକ୍ତି ବିଦ୍ୟାର ସଫଳ କାର୍ଯ୍ୟକାରିତା ପାଇଁ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ପ୍ୟାନେଲର ସୁପାରିସ ଆଧାରରେ ବିଭାଗକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଏହି ସମ୍ମାନଜନକ ପୁରସ୍କାର ବ୍ୟତୀତ ରାଜ୍ୟ ଅବକାରୀ ବିଭାଗ ଚଳିତ ଆର୍ଥିକ ବର୍ଷରେ ଜାତୀୟସ୍ତରରେ ଆଉ ଦୁଇଟି ପୁରସ୍କାର ଗ୍ରହଣ କରିଛି। ଇ-ଅବକାରୀର ସଫଳ କାର୍ଯ୍ୟକାରିତା ପାଇଁ ଅବାକାରୀ ବିଭାଗ ସମ୍ମାନଜନକ ଡିଜିଟାଲ୍ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର ପାଇଛି ଏବଂ ରାଷ୍ଟ୍ରପତିଙ୍କ ଠାରୁ ୨୦୨୩ ଜାନୁଆରି ୭ରେ ଅବକାରୀ ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ଏବଂ ଅବକାରୀ କମିସନର ଆଶିଷ କୁମାର ସିଂହ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସେହିଭଳି ଅବକାରୀ ବିଭାଗରେ ଆଇସିଟି କାର୍ଯ୍ୟକାରିତା ପାଇଁ ୨୦୨୨ ଡିସେମ୍ବର ୨୫ରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ ରାଜ୍ୟ ଅବକାରୀ ବିଭାଗକୁ ସ୍କଚ୍ ଗ୍ରୁପ୍‌ର ରୌପ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।

# ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ କରାଯିବାକୁ କଂଗ୍ରେସର ବିରୋଧ

ଜୟପୁର , ୨୭/୦୩ (ନି.ପ୍ର): ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ କରା ଯିବା ନିଷ୍ପତିକୁ କଂଗ୍ରେସ ବିରୋଧ କରିଛି । ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତି ଙ୍କ ଆହ୍ୱାନରେ ଜୟପୁର ଗାନ୍ଧୀ ଛକ ସ୍ଥିତ ମହାତ୍ମାଗାନ୍ଧୀ ଙ୍କ ପ୍ରତିମୁର୍ତ୍ତି ନିକଟରେ ଶାନ୍ତି ପୁର୍ଣ୍ଣ ନିରବ ଧାରଣା ଦେଇଥିଲେ । ଏଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପସ୍ଥିତ ରହି ରାହୁଲ ଗାନ୍ଧୀ ଙ୍କ ଭାରତ ଯୋଡ ଯାତ୍ରା ବେଶ ପ୍ରଭାବିତ ହୋଇଛି । ଏଣୁ ଏଥିରେ ଭୟଭୀତ ହୋଇଛନ୍ତି ମୋଦି ସରକାର । ଫଳ ସ୍ୱରୁପ ରାହୁଲ ଗାନ୍ଧୀଙ୍କୁ ଜେଲ ସଜା କରି ତାଙ୍କ ସଭ୍ୟ ପଦ ରଦ୍ଦ କରିଛନ୍ତି । ରାୟରେ ରାହୁଲଙ୍କୁ ୩୦ ଦିନର ସମୟ ରହିଛି କିନ୍ତୁ ୨୪ ଘଂଟା ଭିତରେ ତାଙ୍କର ସଭ୍ୟପଦ ରଦ୍ଦ କରିବା କେତେ ଦୁର ଠିକ ବୋଲି ପ୍ରଶ୍ନ କରିଛନ୍ତି ବିଧାୟକ ତାରା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫୋଟରେ ଗଣତନ୍ତ୍ରର ହତ୍ୟାକାରି ବୋଲି ପ୍ଲା ଗାର୍ଡ ଧରି ଧାରଣା ଦେଇଛି କଂଗ୍ରେସ । ରାହୁଲ ଗାନ୍ଧୀଙ୍କୁ ସମ୍ପୁର୍ଣ୍ଣ ସମର୍ଥନ କରି ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଧାରଣା ଦିଆଯାଇଥିବା ବେଳେ ଏଠାରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପଟ୍ଟାଙ୍ଗିର ପୁବତନ ବିଧାୟକ ରାମ କାଡାମ, ବିନୋଦ ମହାପାତ୍ର, ପିଙ୍କୁ ଶତପଥି, ଅଶୋକ ଗନ୍ତାୟତ, ରାମ ପାଢୀ, ସୁକାନ୍ତ ପଟ୍ଟନାୟକ, ନଳିନି ରଥ , ଅଜିତ ସାମନ୍ତରାୟ ସମେତ ଶତାଧିକ କଂଗ୍ରେସ କର୍ମି ଓ ନେତା ଉପସ୍ଥିତ ଥିଲେ ।

# ପାଞ୍ଚ ମାସ ହେବ କାର୍ଯ୍ୟ ବନ୍ଦ ହୋଇ ପଡିଛି ପନ୍ତେଇ ପୋଲ



ଲଙ୍ଗଳେଶ୍ୱର, ୨୭/୦୩ (ନି.ପ୍ର): ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ସୁପରଭିଜନ କରିବାକୁ ଯାହାକୁ ଦାୟିତ୍ୱ ଦିଆଯାଇଛି ସେ ନିଜେହିଁ କାର୍ଯ୍ୟ ର ବାଧକ ସାଜିଛି।ଯାହାଫଳରେ ୫ମାସ ଧରି ପନ୍ତେଇ ପୋଲ କାମ ବନ୍ଦ କରି ହାତ ବାନ୍ଧି ବସିବାକୁ ବାଧ ହୋଇଛି ଏଲ ଏଣ୍ଡ ଟି କମ୍ପାନୀ। ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଏବଂ ଭୋଗରାଇକୁ ସଂଯୋଗ କରୁଥିବା ସୁବର୍ଣରେଖା ନଦୀ ଉପରେ ଜାମକୁଣ୍ଡା ପଞ୍ଚାୟତ ପନ୍ତେଇ ଠାରେ ନିର୍ମାଣ ହେଉଛି ପନ୍ତେଇ ପୋଲ । ୧୯୦ କୋଟି ଟଙ୍କା ବ୍ୟୟ ରେ ପୂର୍ତ୍ତ ବିଭାଗ ର ନିର୍ମାଣ ହେଉଥିବା ଏଇ ପୋଲ ହେଲେ ଭୋଗରାଇ ରୁ ବାଲିଆପାଳ ଓ ବାଲେଶ୍ୱର ସଦର ମହକୁମା କୁ ରାସ୍ତା କମିଯିବା ସହ ମୁଖ୍ୟ ଯାତାୟାତ ପଥ ହେବା ସହିତ ଗୁରୁତ୍ୱ ବହନ କରିବ। ୧୫%ଲେସରେ ଉଚ୍ଚ ମାନର କାର୍ଯ୍ୟ ଏବଂ ଖୁବଶୀଘ୍ରକାମ କରିବାକୁ ଖ୍ୟାତ ନାମା କମ୍ପାନୀ ଏଲ୍ ଏଣ୍ଡ ଟି ସହିତ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଗୋଟିଏ ବର୍ଷ ଭିତରେ କାମ ସାରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତିନିବର୍ଷ ବିତିଯାଇଥିଲେ ମଧ ୩୦%ମଧ କାର୍ଯ୍ୟ ଶେଷ ହୋଇପାରିନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରଚୁଆଲ ଶିଳାନ୍ୟାସ କରିଥିଲେ ହେଁ କାର୍ଯ୍ୟସ୍ଥଳରେ ଏଯାଏଁ ସୂଚନା ଫଳକ ଲଗାଯାଇ ନାହିଁ।ଯାହାଫଳରେ କାମ ବାବଦରେ ସାଧାରଣ ଜନତାଙ୍କୁ କମ୍ପାନୀ ଅନ୍ଧରେ ରଖି ଅର୍ଥ ଲୁଟ କରୁଥିବାର ଅଭିଯୋଗ ହୋଇଛି। କିନ୍ତୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ସୁପରଭିଜନ କରିବାକୁ ଆର୍କିଟେକ୍ଟୋ କୁ ଯଉଁ ଟିମଲିଡର ଭାବେ ନିଯୁକ୍ତି ଦିଆଯାଇଛି ସେ ହିଁ କାର୍ଯ୍ୟ ଆଗେଇବାର ବାଧକ ସାଜିଛି। ନିର୍ମାଣ ହେବାକୁ ଥିବା ୧୫ଟି ପିଲର ମଧ୍ୟରୁ ୧୩ ପିଲର କାମ ସାରିଥିଲେ ହେଁ ନଦୀ ଭିତରେ ନିର୍ମାଣ ହେବାକୁ ଥିବା ଦୁଇଟି ପିଲର କାର୍ଯ୍ୟ ଆରମ୍ଭ ହୋଇନାହିଁ। କଷ୍ଟ କେନାଲ ସମେତ ପାଞ୍ଚଟି ଛୋଟ ଛୋଟ ସଂଯୋଗୀ ପୋଲ ହେବାରେ ମଧ ଅଛି।ଦୁଇବର୍ଷ ଧରି କାର୍ଯ୍ୟ ଚାଲିଥିଲେ ହେଁ ଏଯାଏଁ କାର୍ଯ୍ୟର ଡିଜାଇନ ଏପ୍ରୋଭାଲ ହୋଇ ନାହିଁ।କେବଳ ଚିଠିରେ ଚିଠିରେ ହିଁ କାମ ଚାଲିଛି। ଏଥିପାଇଁ ତିନି କୋଟି ଟଙ୍କା ସିକ୍ୟୁରିଟି ଡିପୋଜିଟ ହୋଇଥିଲେ ହେଁ କିଛି ସୁଫଳ ମିଳିନାହିଁ ବୋଲି କମ୍ପାନୀ ଅଧିକାରୀ ଅଭିଯୋଗ କରିଛନ୍ତି।ତେବେ ବିନା ଡିଜାଇନ ଏପ୍ରୋଭାଲ ରେ ଆର୍କିଟେକ୍ଟୋର ନିର୍ଦ୍ଦେଶରେ କେମିତି କାମ ଚାଲିଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ତେଣୁ ପୋଲ ନିମ୍ନ ମାନର ନିର୍ମାଣ କରି ସରକାରୀ ଅର୍ଥ ହରିଲୁଟ କରିବାର ଯୋଜନା ଚାଲି ଥିବାର ଅଭିଯୋଗ ହୋଇଛି। କାର୍ଯ୍ୟ ବନ୍ଦକୁ ବିରୋଧ କରି ଜାମକୁଣ୍ଡା ଓ ବିଷ୍ଣୁପୁର ପଞ୍ଚାୟତ ବାସୀ ଏଲ୍ ଏଣ୍ଡ ଟି ଅଫିସ ଆଗରେ ଧର୍ମଘଟ କରିଥିଲେ । ତେବେ କାର୍ଯ୍ୟ ବନ୍ଦ ପାଇଁ ନିର୍ବାହୀ ଏଜେନ୍ସି ଏବଂ ସୁପରଭିଜନ ଏଜେନ୍ସି ପରସ୍ପର କାଦୁଅ ଫିଙ୍ଗା ଫିଙ୍ଗି ଚାଲିଛି। ଗତ କିଛି ମାସ ତଳେ ବିଭାଗୀୟ ସଚିବ ବିର ବିକ୍ରମ ଯାଦବ କାର୍ଯ୍ୟ ତଦାରଖ କରିଥିଲେ ହେଁ କିଛ ସୁଫଳ ମିଳିନାହିଁ।ଡିଜାଇନ ଏପ୍ରୋଭାଲ ପାଇଁ କମ୍ପାନୀ ଅର୍ଥ ଦିପୋଜିଟ କରି ହାତ ବାନ୍ଧି ବସିଛି। ଏ ବାବଦରେ କାର୍ଯ୍ୟରତ କମ୍ପାନୀର ପ୍ରକଳ୍ପ ପରିଚାଳକ ତାପସ କୁମାର ସୁପରଭିଜନ ଏଜେନ୍ସି ବା ଟିମ ଲିଡର କୁ ଦୋଷ ଦେଉଥିବା ବେଳେ ସୁପରଭିଜନ ଏଜେନ୍ସି ଆର୍କିଟେକ୍ଟୋ ର ଟିମ ଲିଡର ମାନସ ରଞ୍ଜନ କର କୁ ପଚାରି ବାରୁ କାର୍ଯ୍ୟରତ କମ୍ପାନୀ ଉପରେ ଦୋଷ ଲଦୁଛନ୍ତି। ତେଣୁ ବାଲେଶ୍ୱର ଜିଲ୍ଲାପାଳ ହସ୍ତକ୍ଷେପ କରି ସମାଧାନ କଲେ ପୋଲ କାମ ସରିବା ସହିତ ଲୋକଙ୍କ ଦୁର୍ଦ୍ଦଶା ଦୂର ହେବ ବୋଲି ଲୋକେ ସାଧରଣରେ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଆଜିଠୁ ୨ ଦିନ ଝଡ....

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା କଟକ, ଜଗତସିଂହପୁର, ଢେଙ୍କାନାଳ, ଗଜପତି ଓ ଗଂଜାମ ଜିଲ୍ଲାର କିଛି ସ୍ଥାନରେ ଘଡଘଡି ବିଜୁ ସହ ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ଏହି ସମୟ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ, ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ବୌଦ୍ଧ, ଅନୁଗୁଳ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୮ରୁ ୨୯ ତାରିଖ ମଧ୍ୟରେ ଗଂଜାମ, ଗଜପତି, ରାୟଗଡା, କୋରାପୁଟ, କନ୍ଧମାଳ, ନୟାଗଡ, ଅନୁଗୁଳ, ଢେଙ୍କାନାଳ, କଟକ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ଜେଲ ଗଲେ ଠକ....

ଲୁଚିଥିଲେ ସୁଧାଂଶୁ । ଆଉ କେନ୍ଦୁଝର ବଡବିଲର ଏକ ଲଜରୁ ସୁଧାଂଶୁଙ୍କୁ କମିଶନରେଟ ପୁଲିସର ସ୍ୱତନ୍ତ୍ର ଟିମ୍ ଗତକାଲି ବିଳମ୍ବିତ ରାତିରେ ଉଠାଇ ଆଣିଥିଲା । କନକ ନ୍ୟୁଜ ନାଁରେ ମିଛ ଖବର ପ୍ରସାରଣ କରିବା ଏବଂ ଅଶାଳୀନ ମନ୍ତବ୍ୟ ଦେବା ଅଭିଯୋଗରେ ତାଙ୍କୁ ଗିରଫ କରିଛି ସହୀଦ ନଗର ଥାନା ପୁଲିସ । ପୂର୍ବରୁ ସୁଧାଂଶୁ ଅଲିମ୍ପିଆନ୍ ଦୂତୀ ଚାନ୍ଦଙ୍କ ବିରୋଧରେ ଏଭଳି ମିଛ ଖବର ପ୍ରସାରଣ ସହ ଅଶାଳୀନ ବ୍ୟବହାର କରି ଗିରଫ ହୋଇଥିଲେ । ସେଥିପାଇଁ ପ୍ରାୟ ୩ ମାସ ଝାରପଡା ଜେଲରେ ରହିଥିଲେ । ହେଲେ ଜେଲରୁ ବାହାରିବା ପରେ ବି ପ୍ରକୃତି ଛାଡିନଥିଲେ ସୁଧାଂଶୁ । ଉଦ୍ଦେଶ୍ୟମୂଳକ ଭାବରେ କନକ ନ୍ୟୁଜ ବିରୋଧରେ ଆକ୍ଷେପ ମୂଳକ ଖବରସବୁ ପ୍ରସାରଣ ଚଳାଇଥିଲେ । ଅତି ଅଶାଳୀନ ଶବ୍ଦ ପ୍ରୟୋଗ କରିବା ସହ ମହିଳାଙ୍କ ସମ୍ମାନ ହାନୀ ହେଲା ଭଳି ଆକ୍ଷେପ ସବୁ କରିଆସୁଥିଲେ । ପୂର୍ବରୁ ତାଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନରେ ଏକାଧିକ ଅପରାଧିକ ମାମଲା ମଧ ରହିଛି । ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନକଲି ଲେଟର ପ୍ୟାଡ୍ କରି ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ବି ରହିଛି ।

### ଗଣତନ୍ତ୍ରକୁ ହତ୍ୟା କରାଯାଇଛି ....

ଯେଉଁଠାରେ ପାର୍ଲାମେଂଟ ଚାଲିଛି କିମ୍ୱା ବିଧାନସଭା ଚାଲିଛି ସେଠାରେ ସଦସ୍ୟ ମାନେ କଳା ଡ୍ରେସ ପିନ୍ଧି ଯାଉଛନ୍ତି । ଏହି କାରଣରୁ ଗୃହକୁ ଅଚଳ କରା ଯାଇଛି କାରଣ ଯେଉଁ ଠାରେ ଗଣତନ୍ତ୍ର ନାହିଁ କିମ୍ବା ଗଣତନ୍ତ୍ରର ପରମ୍ପରାକୁ ମାନୁ ନାହାନ୍ତି., ସେହି ଭଳି ସ୍ଥାନରେ ଗୃହ ଚାଲି କଣ ଲାଭ ରହିଛି । ସେ କହିଛନ୍ତି ଯେ ଆଗେ ଆବଶ୍ୟକତା ଅଛି ଯେ ଗଣତନ୍ତ୍ରକୁ ସୁରକ୍ଷା ଦେବା । ତା ହେଲେ ଯାଇ ଗୃହ ଚାଲିଲେ କିଛି ନିଷ୍କର୍ଷ ବାହାରିଥାଏ । ସମ୍ବିଧାନ ଅନୁସାରେ ଆମେ ଚଳିବାକୁ ବାଧ୍ୟ । ଯଦି ସମ୍ବିଧାନକୁ ଅଚଳ କରିଦିଆ ଯାଇଥାଏ ଓ ସମ୍ବିଧାନ ଅନୁସାରେ କାମ ହୁଏ ନାହିଁ ସେଠାରେ ସମ୍ବିଧାନ ତାର ଅସ୍ତିତ୍ୱ ହରାଇ ଥାଏ । ଆଜି ସେଇଥି ପାଇଁ ଆମେ ଏହାର ପ୍ରତିବାଦ କରିଥିଲୁ ଓ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଛନ୍ତି। ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ଓ ଗଣତନ୍ତ୍ର ଅନୁଯାୟୀ ସବୁ କାମ କରିବାକୁ ଆମେ ଦାବି କରୁଛୁ ବୋଲି ସେ କହିଛନ୍ତି ।

### ଚିନ୍ତା ବଢ଼ାଉଛି କରୋନାର....

ହୋଇଥିବା ସବୁ ଛାତ୍ରଛାତ୍ରୀ ସୁସ୍ଥ ଥିବା ସ୍ଥାନୀୟ ଜିଲ୍ଲା ଡିଏମ୍ ସୂଚନା ଦେଇଛନ୍ତି । ସେପଟେ ମହାରାଷ୍ଟ୍ରରେ ମୋଟ ସଂକ୍ରମଣ ସଂଖ୍ୟା ୨୧୧୭ରେ ପହଂଚିଛି । କେବଳ ମୁମ୍ବାଇରେ ଗତ ୨୪ ଘଂଟା ଭିତରେ ୧୨୩ ନୂଆ ମାମଲା ସାମ୍ନାକୁ ଆସିଛି । ସଂକ୍ରମଣ ବଢୁଥିବାର ଦେଖି ହସ୍ପିଟାଲରେ ବେଡ୍ ସଂଖ୍ୟା ବୃଦ୍ଧି କରାଯାଇଛି । ସେପଟେ ଜାପାନରେ ଶିଶୁଙ୍କୁ ନେଇ ଏକ ରିପୋର୍ଟ ସାମ୍ନାକୁ ଆସିଛି । ଜାପାନରେ ୧୦ ପ୍ରତିଶତରୁ ଅଧିକ ଶିଶୁ କରୋନାଜନିତ ମସ୍ତିଷ୍କ ରୋଗରେ ପ୍ରାଣ ହରାଇଛନ୍ତି । ଜାନୁଆରୀ, ୨୦୨୦ରୁ ମେ' ୨୦୨୨ ମଧ୍ୟରେ ଜାପାନ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି । ସେପଟେ ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସବୁ ରାଜ୍ୟକୁ ଚିଠି ଲେଖି ଟେଷ୍ଟିଂ ବଢାଇବା ସହ ସଂକ୍ରମଣ ଉପରେ ସତର୍କ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ କରୋନାକୁ ଆୟୋଜିତ ବୈଠକରେ ଟେଷ୍ଟିଂ, ଟ୍ରାକିଂ ସହିତ କୋଭିଡ୍ ନିର୍ଦ୍ଦେଶାନାମା ଉପରେ ଗୁରୁତ୍ୱାରୋପ କରିବାକୁ କହିଥିଲେ ।

# ରାହୁଲ ଗାନ୍ଧିଙ୍କ ସଭ୍ୟପଦ ରଦ୍ଦ ବିରୋଧରେ କଂଗ୍ରେସ ସତ୍ୟାଗ୍ରହ



ଜଳେଶ୍ୱର, ୨୭/୩(ନି.ପ୍ର): ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ସଭ୍ୟପଦ ରଦ୍ଦ ବିରୋଧରେ କଂଗ୍ରେସ ଆନ୍ଦୋଳନକୁ ଉହ୍ଲାଇଛି । ନେତୃବୃନ୍ଦଙ୍କ ସିଦ୍ଧାନ୍ତ ଅନୁଯାୟୀ ବିଭିନ୍ନ ସ୍ଥାନରେ ସତ୍ୟଗ୍ରହ ଆରମ୍ଭ ହୋଇଛି । ରବିବାରଦିନ ବଡବଜାର ଛକଠାରେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ ଆନ୍ଦୋଳନ ହୋଇ ଯାଇଛି । ଏଥିରେ ବ୍ଲକ ସଭାପତି ରାଜୀବ କୁମାର ପରିଡା ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ, ବରିଷ୍ଠ ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ଟାଉନ୍ ସଭାପତି ଗିରିଜା ଶଂକର ଦାସ, କିଷାନ ସଭାପତି ସୁଦାମ ପାତ୍ର, ସୌଭିକ ଜେନା, ଗତକୃଷ୍ଣ ଦଳାଇଙ୍କ ନେତୃତ୍ୱରେ ଦୁଇଘଣ୍ଟିଆ ସତ୍ୟାଗ୍ରହ ଅନୁଷ୍ଠିତ ହୋଇ ଯାଇଛି ।

# ଅଖିଳ ଭାରତୀୟ ଚିକିତ୍ସକ ସଂଘ, ଭଦ୍ରକ ଶାଖାର କଳାଦିବସ ପାଳିତ



ଭଦ୍ରକ, ୨୭/୦୩ (ନି.ପ୍ର): ରାଜସ୍ଥାନ ସରକାରଙ୍କର କଳା ସ୍ୱାସ୍ଥ୍ୟ ଆଇନ ବିରୁଦ୍ଧରେ ଏବଂ ଭାରତର ବିଭିନ୍ନ ସ୍ଥାନରେ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦରେ ଆଜି ଭଦ୍ରକ ମୁଖ୍ୟ ଚିକତ୍ସାଳୟ ସମ୍ମିଳନୀ କକ୍ଷରେ ଡା. ମୀନକେତନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଚିକିତ୍ସକ ସଂଘର ସମ୍ପାଦକ ଡା. ହରେକୃଷ୍ଣ ନାୟକ, ରାଜସ୍ଥାନ ସରକାରଙ୍କର ଡାକ୍ତର ବିରୋଧି ଆଇନ ଓ ରାଜସ୍ଥାନ ସରକାରଙ୍କର ଡାକ୍ତରମାନଙ୍କ ଉପରେ ଦମନ ମୂଳକ କାର୍ଯ୍ୟାନୁଷ୍ଠାନର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ରାଜସ୍ଥାନ ସରକାର ଡାକ୍ତରଙ୍କ ଉଦ୍ଦେଶ୍ୟରେ ଲାଗୁ କରିଥିବା ଆଇନକୁ ପ୍ରତ୍ୟାହାର କରି ଓ ନୂତନ ଆଇନ ପ୍ରଣୟନ ସହିତ ଡାକ୍ତରମାନଙ୍କ ସୁରକ୍ଷା ନିମନ୍ତେ ବୈଠକରେ ପାଇଁ ଦାବୀ କରାଯାଇଥିଲା। ଉକ୍ତ ବୈକରେ ଡା. କନକଲତା ସାହୁ, ଡା. ସଂଗୀତା ବଳ, ଡା. ଦୀପଙ୍କର ମୁର୍ଖାଜୀ, ଡା. ଷ୍ଟାଲିନ ଦାସ, ଡା. ସୁବାସ ବିଶ୍ୱାଳ, ଡା. ଅମିତାଭ ଜେନା, ଡା. ଦୀପ୍ତିମୂର୍ତ୍ତି ପଣ୍ଡା, ଡା. ନିଶାନ୍ତ ଦାସ, ଡା. ପ୍ରଭାତ କୁମାର ବେହେରା, ଡା. ମନୋରଂଜନ ପାଣିଗ୍ରାହୀ, ଡା. ରଂଜିତ୍ କୁମାର ଖଟୁଆ ପ୍ରମୁଖ ଡାକ୍ତରମାନେ ପ୍ରତିବାଦ ସଭାରେ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏକ ଦାବୀପତ୍ର ଭଦ୍ରକ ଜିଲ୍ଲାପାଳଙ୍କ ମାଧମରେ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବାକୁ ନିଷ୍ପତି ନିଆଯାଇଥିଲା।

# ଗତ ୨୪ ଘଂଟାରେ ରାଜ୍ୟରେ ୧୧ନୂଆ ପଜିଟିଭ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ଗତ ୨୪ ଘଂଟାରେ ରାଜ୍ୟରେ ୧୧ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ କୋଭିଡ୍ ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଏହି ସୂଚନା ଦେଇଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ ସାରା ଦେଶରେ ସଂକ୍ରମଣ ବଢୁଛି । ଗତ କାଲି ୧୮୯୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେ କହିଛନ୍ତି ଯେ ମହାରାଷ୍ଟ୍ର, କେରଳ, ତାମିଲନାଡୁ, ତେଲେଙ୍ଗାନାରେ ଅଧିକ କେସ୍ ରହିଛି । ଆମ ରାଜ୍ୟରେ ୨୪ ଘଂଟାରେ ୧୧ ନୂଆ ପଜିଟିଭ୍ ଆସିଥିବା ବେଳେ ଆକ୍ଟିଭ କେସ୍ ସଂଖ୍ୟା ୮୭ ରହିଛି । ସେ କହିଛନ୍ତି ଯେ ସାରା ଦେଶରେ କରୋନା ସଂଖ୍ୟା ବଢୁଥିବା କାରଣରୁ 'ସତର୍କତା ପାଇଁ ସବୁ ଜିଲ୍ଲାକୁ ଚିଠି ଲେଖି ଆଲର୍ଟ କରାଯାଇଛି । ସେହିପରି ଟେଷ୍ଟିଂ କିଟ୍, ଔଷଧ, ଅକ୍ସିଜେନ୍ ମହଜୁଦ ପାଇଁ ସିଡିଏମ୍‌ଓଙ୍କୁ କୁହାଯାଇଛି । ସେ କହିଛନ୍ତି ଯେ ଗୋଟିଏ ସ୍ଥାନରୁ ଅଧିକ ସଂକ୍ରମିତ ବାହାରିଲେ କଂଟେନମେଂଟ ହେବ । କୋଭିଡ ସ୍ଥିତି ନେଇ ଅପରାହ୍ନରେ କେନ୍ଦ୍ର ସହ ବୈଠକ ହେବ ବୋଲି ସେ ସୂଚନା ଦେଇଛନ୍ତି ।

# ସ୍ମାଇଲ ଫ୍ୟାମିଲି ଫାଉଣ୍ଡେସନର ପ୍ରଥମ ବାର୍ଷିକ ଉତ୍ସବ ଏବଂ ପଲିଟ୍ରି ୱାରଲ୍ଡର ୱେବସାଇଟ୍ ଉନ୍ମୋଚିତ

ନୀଳଗିରି, ୨୭/୦୩ (ନି.ପ୍ର): ମାନବ ସେବା ହିଁ ମାଧବ ସେବା । ଉକ୍ତ ମନ୍ତ୍ରକୁ ଆଧାର କରି ନୀଳଗିରି ଭଳି ଛୋଟ ସହର ଯେଉଁଠି ଅଛି ଅଧା ଗ୍ରାମାଂଚଳ ଓ ଅଧା ସହରାଂଚଳ । ଏଭଳି ଭିଟି ଭୂମିରେ ଛିଡ଼ା ହୋଇ ନୀଳଗିରିର ଯୁବ ଚେହେରା ଚିନ୍ମୟ ସାହୁ ଦେଖିଛନ୍ତି ଅସୁମାରୀ ସ୍ୱପ୍ନ । ଦୀନଦୁଃଖିଙ୍କ ସେବା କରି ସମାଜର ବିଭିନ୍ନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ଯେଉଁ ପ୍ରଚେଷ୍ଟା କରିଛନ୍ତି ତାକୁ ଭୂୟସୀ ପ୍ରଶଂସା କରିଛନ୍ତି ଉତ୍ସବ ଅତିଥି ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ । ଉଚ୍ଚ ସ୍ୱପ୍ନାଭିଳାଷୀ ଚିନ୍ମୟ ନୀଳଗିରି ଭଳି ସହର ତଥଶ ବାଲେଶ୍ୱର ଜିଲ୍ଲାର ପ୍ରଥମ କରି ଗ୍ରାହକ ମାନଙ୍କୁ ହୋମ ଡେଲିଭରି କରି ମାତ୍ର ୩୦ମି. ସମୟରେ ମଧରେ ଆମିଷ ଭଳି ବିଭିନ୍ନ ସାମଗ୍ରୀ ଘରେ ପହଂଚାଇବାର ସୁଯୋଗ ଦେବା ପାଇଁ ପଲିଟ୍ରି ୱାଲର୍ଡ ର ଲକ୍ଷ୍ୟ ବୋଲି ଚିନ୍ମୟ ପ୍ରକାଶ କରିଛନ୍ତି । ଏହି ଉପଲକ୍ଷେ ତାଙ୍କ ୱେବସାଇଟ୍‌କୁ ଯାଇ ଗ୍ରାହକ ଅର୍ଡର କଲେ ସ୍ୱଳ୍ପ ସମୟ ମଧରେ ପାଇପାରିବେ । ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଯୁବ ବିଜୁ ଜନତା ଦଳର ସଭାପତି ତାପସ ପରିଡ଼ା, ନାରୀନେତ୍ରୀ ରେଣୁବାଳା ବିଶ୍ୱାଳ, ଉତ୍କଳ ସାମ୍ବାଦିକ ସଂଘର ବାଲେଶ୍ୱର ସଭାପତି ଲୋକନାଥ ଦଳେଇ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ସଂସ୍ଥା ପକ୍ଷରୁ ବିଭିନ୍ନ ସଂଗଠନକୁ ପୁରସ୍କୃତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଉତ୍କଳ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ



ବାରିପଦା, ୨୭/୦୩ (ନି.ପ୍ର): ଉତ୍କଳ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଏମକେସି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। "ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦିଗରେ ମଧୁସୂଦନ ଦାସଙ୍କ ଅବଦାନ" ଶୀର୍ଷକ ବିଷୟବାସ୍ତୁ ଉପରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପାଳର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଓ ଏମକେସି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ କୁମାର ପରିଡା ଯୋଗଦେଇଥିଲେ । ଏମକେସି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁଞ୍ଜବାଳା ମହାନ୍ତ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମରୁ ପ ମ ଶ୍ରେଣୀ ବର୍ଗରେ ସି.ଏମ. ସରକାରୀ ବିଦ୍ୟାଳୟ, ଗଡିଆର ସାଧନା ସେଜଲ ସ୍ୱାଇଁ ପ୍ରଥମ, ସରକାରୀ ୟୁପି. ସ୍କୁଲ, ଭାଲିଆଡିହାର ରିତୁପର୍ଣ୍ଣା ବେହେରା ଦ୍ୱିତୀୟ ଓ ସରକାରି ୟୁପି ସ୍କୁଲ, ମଙ୍ଗଳପୁରର ବୈଷ୍ଣବୀ ପଲେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ବର୍ଗରେ ବାପୁଜୀ ଉଚ୍ଚ ବିଦ୍ୟାଳୟର ଦୀପଙ୍କର ବେହେରା ପ୍ରଥମ, ଝାରପୋଖରିଆ ୟୁଜି ହାଇସ୍କୁଲର ଇତିଶ୍ରୀ ଗିରି ଦ୍ୱିତୀୟ ଓ ଏମକେସି ହାଇସ୍କୁଲର ଲଳିତ କୁମାର ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟ ସ୍ତରରେ ବାରିପଦା ସରକାରୀ ମହିଳା ବିଦ୍ୟାଳୟର ଅପର୍ଣ୍ଣା ସିଂହ ପ୍ରଥମ, ଓଏଭି ଓଷ୍ଟଣସାହିର ବର୍ଷାରାଣୀ ବେହେରା ଦ୍ୱିତୀୟ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ମାଧ୍ୟମିକ ବିଦ୍ୟାଳୟର ରଶ୍ମିତା ସେଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ହାଇସ୍କୁଲ ସ୍ତରରେ ଓଏଭି ଭାଲୁବସାର ଅଭିଜିତ ସାହୁ ପ୍ରଥମ, ସରକାରୀ ୟୁଜି ହାଇସ୍କୁଲ ଝାରପୋଖରିଆର ପ୍ରିୟଙ୍କା ଦାସ ଦ୍ୱିତୀୟ ଓ ଶରତ ଚନ୍ଦ୍ର ବିଦ୍ୟାପୀଠର ଆକାଂକ୍ଷା ଦେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଦୀପ କୁମାର ବେହେରା, ଶିକ୍ଷକ ମନୋଜ କୁମାର ପରିଡା, ସ୍ମୃତି ରଞ୍ଜନ ସ୍ୱାଇଁ ଓ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ବିଦ୍ୟାଳୟରୁ କାନ୍ଦି କାନ୍ଦି ଫେରିଲା 'ସୁନି' : ଆଧାର ନାହିଁତ ପାଠ ନାହିଁ କହି ଫେରାଇଦେଲେ ଶିକ୍ଷକ

ଉଦଳା, ୨୭/୦୩ (ନି.ପ୍ର): କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ବାସିନ୍ଦା ବିରଂଚି ବିନ୍ଧାଣୀ ଓ ନନ୍ଦିନୀ ବିନ୍ଧାଣିଙ୍କ କନ୍ୟା 'ସୁନି'କୁ ବର୍ତ୍ତମାନ ୮ ବର୍ଷ ବୟସ ଛୁଇଁଲା । 'ସୁନି' ଗ୍ରାମରେ ଥିବା ଅଙ୍ଗନଓ୍ୱାଡ଼ି ପାଠ ସାରିବା ପରେ ପାଖ ବିଦ୍ୟାଳୟକୁ ବାପାଙ୍କ ସହିତ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ଏଠାରେ କାର୍ଯ୍ୟରତ ଶିକ୍ଷକ ଆଧାରକାର୍ଡ଼ ନଥିଲେ ନାମ ଲେଖାଯାଇପାରିବ ନାହିଁ ବୋଲି କହି ଫେରାଇଦେଲେ । ଫଳରେ 'ସୁନି' କାନ୍ଦି କାନ୍ଦି ସେଦିନ ଘରକୁ



ଫେରିଲେ । ପ୍ରତିଦିନ ତାର ସାଙ୍ଗ ମାନେ ଯେତେବେଳେ ସଜବାଜ ହୋଇ ବିଦ୍ୟାଳୟକୁ ଯାଆନ୍ତି, ସେମାନଙ୍କୁ ଦେଖି 'ସୁନି' ଘରେ ବସି କାନ୍ଦନ୍ତି । 'ସୁନି' କିପରି ବିଦ୍ରାଳୟକୁ ଯାଇ ପାଠ ପଢ଼ିବ ସେଥିପାଇଁ ମୋଟା ଅଂକରେ ଦରମା ନେଉଥିବା ଶିକ୍ଷା ବିଭାଗର ଅଧିକାରୀଙ୍କ ମହଲରେ କୌଣସି ତତ୍ପରତା ମଧ ନାହିଁ। ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'ସୁନି' ଭଳି ପିଲା ଆଜକୁ ୩ ବର୍ଷ ହେବ ବିଦ୍ୟାଳୟ ଠାରୁ ବାହାରେ ଅଛନ୍ତି । ସରକାରଙ୍କ ଘୋଷଣା ଯେ ଏକ ପ୍ରହସନ ତାହା ଏବେ ଆଉ ଲୋକଙ୍କୁ ବୁଝାଇବାକୁ ପଡୁ ନାହିଁ।

# 'ସ୍ରଷ୍ଟା' ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

ବାଲେଶ୍ୱର, ୨୭/୦୩ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ନାଟ୍ୟ ସଂସ୍ଥା 'ସ୍ରଷ୍ଟା' ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାର ନାଟ୍ୟାଳୟ ପରିସରର ବନ୍ଧୁମିଳନ ଓ 'ସାମ୍ପ୍ରତିକ ମଞ୍ଚନାଟ୍ୟ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ରଷ୍ଟାର ସଭାପତି ଆଲୋକ କୁମାର ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ଏଥିରେ ଗତ ନାଟକୋତ୍ସବ ସମ୍ପର୍କରେ ସମୀକ୍ଷା କରାଯିବା ସହ ଆଗାମୀ ଦିନରେ ବାଲେଶ୍ୱର ଜିଲାରେ ମଂଚ ନାଟକର ବିକାଶ ଦିଗରେ ବିଭିନ୍ନ ପ୍ରକାର ପଦକ୍ଷେପ ନେବା ପାଇଁ ସ୍ଥିର କରାଗଲା। ବିଶେଷ କରି ନାଟକ ମଂଚରେ ଥିବା ଭିନ୍ନ ଭିନ୍ନ ସମସ୍ୟାର ସମାଧାନ ଦିଗରେ ସଦସ୍ୟମାନେ ସ୍ୱ ମତାମତ ଉପସ୍ଥାପନ କରିଥିଲେ। ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଗୌରୀଶଙ୍କର ସାହାଣୀ, ପ୍ରସନ୍ନ କୁମାର ଦାସ, ଅଜିତ କୁମାର ପଣ୍ଡା, ଅଜୟ ଆଚାର୍ଯ୍ୟ, ଶ୍ୟାମରାୟ କର, ଅନାମିକା କର, ଅମିତାଭ ଭଟ୍ଟାଚାର୍ଯ୍ୟ, ଚିନ୍ତାମଣି ମହାନ୍ତି, ଦିବାକର ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତା ପଠନ କରିଥିଲେ।

# କେହି ଆଇନରୁ ଉର୍ଦ୍ଧ୍ୱରେ ନୁହନ୍ତି- ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୨୭/୦୩ (ନି.ପ୍ର): କୋର୍ଟର ଦଣ୍ଡାଦେଶ ପରେ ରାହୁଲ ଗାନ୍ଧୀଙ୍କ ଲୋକସଭାର ସଦସ୍ୟତା ଚାଲି ଯିବା କାରଣରୁ କଂଗ୍ରେସ ବିଧାୟକ ମାନଙ୍କ ଦ୍ୱାରା ବିଧାନସଭାରେ ହଟ୍ଟଗୋଳ କରି ଗୃହ ମୁଲତବୀ କରାଯିବା ପରେ କଂଗ୍ରେସ ଦଳକୁ କଡା ଟାର୍ଗେଟ କରିଛନ୍ତି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର । ଗୃହ ମୁଲତବୀ ହେବା ପରେ ଗୃହ ବାହାରେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର କହିଛନ୍ତି ଯେ କେହି ଆଇନରୁ ଉର୍ଦ୍ଧ୍ୱରେ ନୁହନ୍ତି । ଯଦି କଂଗ୍ରେସ ନେତା ମାନେ ଭାବିବେ ଯେ ରାହୁଲ ଗାନ୍ଧୀଙ୍କ ପାଇଁ ଅଲଗା ଆଇନ ହେବା ଦରକାର ଓ ସେ ଆଇନରୁ ଉର୍ଧରେ ତେବେ ମୋର କିଛି କହିବାର ନାହିଁ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଆଇନ ବଳରେ ବିଜେପିର ମଧ ଅନେକ ବିଧାୟକ ସେମାନଙ୍କର ସଦସ୍ୟତା ହରାଇଛନ୍ତି । ସେ କହିଛନ୍ତି ଯେ ଯଦି କେହି ବ୍ୟକ୍ତି ଭୁଲ କଲା ତେବେ ସେହି ବର୍ଗର ସମସ୍ତ ଲୋକଙ୍କୁ ଗାଳି ଦେବା, ପଛୁଆ ବର୍ଗର ଲୋକ ମାନଙ୍କୁ ଗାଳି ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି । କଂଗ୍ରେସ ଗଣତନ୍ତ୍ରର ହତ୍ୟା କରାଯାଇଥିବା କଥା କହୁଥିବା ସମ୍ପର୍କିତ ଏକ ପ୍ରଶ୍ନର ଉତରରେ ଶ୍ରୀ ମିଶ୍ର କହିଛନ୍ତି ଯେ କଂଗ୍ରେସ ଦଳ ଦେଶରେ ଇମର୍ଜେନ୍ସି ଲଗାଇ ସମସ୍ତଙ୍କୁ ୧୯ ମାସ ଜେଲରେ ଭର୍ତି କରି ଦେଇଥିଲା । ସେମାନେ ଗଣତନ୍ତ୍ରର କଥା କହୁଛନ୍ତି । ସେ କହିଛନ୍ତି ଯେ ଜନ ପ୍ରତିନିଧିନ ଆଇନ ୫୧ ମସିହାର । ଏଥିରେ ସଂଶୋଧନ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଚାହୁଁଥିଲେ । ହେଲେ ନିଜେ ରାହୁଲ ଅର୍ଡିନାନ୍ସ ପ୍ରସ୍ତାବ ସେତେବେଳେ ଚିରି ଦେଇଥିଲେ । ସେ ଏବେ ନିଜେ ପଡ଼ିଛନ୍ତି । ଆଉ ଏବେ ଆସି କହିବେ ମୋଦି କରିଛନ୍ତି । ଏଇଟା କି ବିଚିତ୍ର କଥା ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ନାଳିପଡା ଅର୍ଜୁନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜୀବନ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଖୋର୍ଦ୍ଧା, ୨୭/୦୩ (ନି.ପ୍ର): ଖୋର୍ଦ୍ଧା ବ୍ଲକ ଅଧିନ ନାଳିପଡା ଅର୍ଜୁନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିରାମ ବେହେରାଙ୍କ ଆୟୋଜନରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଙ୍କୁ ନେଇ ଜୀବନ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଶିକ୍ଷିକା ସ୍ୱର୍ଣ୍ଣପ୍ରଭା ବେହେରା ୧୦ ଗୋଟି ପ୍ରମୁଖ ଜୀବନ କୌଶଳ ଉପରେ କହିଥିଲା ବେଳେ ଛାତ୍ରଛାତ୍ରୀ ମାନେ କିଭଳି ଆତ୍ମ ବିଶ୍ୱାସ ର ସହିତ ନିଜେ ନିଜର ପ୍ରଚେଷ୍ଟାରେ ସମସ୍ତ ସମସ୍ୟାର ସମାଧାନ କରି ସଫଳତା ପାଇପାରିବେ ତାହା ଉପରେ ପ୍ରଧାନ ଶିକ୍ଷକ ଅଭିରାମ ବେହେରା ଆଲୋକପାତ କରିଥିଲେ । ଏହି ଅବସରେ ବିଦ୍ୟାଳୟ ର ଦୁଇପ୍ରତିଭା ଯଥା- ଛାତ୍ରୀ ସ୍ୱପ୍ନା ରାଣୀ ଜେନା କୁ 'ସୁନା ଝିଅ'ଓ ଛାତ୍ର ଓଁ ପ୍ରକାଶ ଜେନାକୁ 'ସୁନା ପୁଅ' ସଂମ୍ମାନରେ ସଂମ୍ମାନୀତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟ ଶିକ୍ଷକ ଉଲ୍ଲାସ ଚନ୍ଦ୍ର ବେହେରା, ନରସିଂହ ନାୟକ, ଶିକ୍ଷୟତ୍ରୀ ରିତାଞ୍ଜଳି ପରିଡା, ଶୋଭାବତୀ ପାଲଟାସିଂ ଓ ବହୁ ଅଭିଭାବକ ମା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ମଙ୍ଗଳବାର, ମାର୍ଚ୍ଚ ୨୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ରାହୁଲ ଗାନ୍ଧୀଙ୍କ ସଦସ୍ୟ ପଦ ରଦ୍ଦର ପ୍ରତିବାଦ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ରାହୁଲ ଗାନ୍ଧୀଙ୍କ ସଦସ୍ୟ ପଦ ରଦ୍ଦ ପ୍ରତିବାଦରେ ରାଜ୍ୟପାଳଙ୍କୁ ଭେଟିଛନ୍ତି ସର୍ବଦଳୀୟ ପ୍ରତିନିଧି ଦଳ। କଂଗ୍ରେସ ସମେତ ବିଭିନ୍ନ ଦଳର ଶହଶହ ନେତୃବୃନ୍ଦ ଓ କର୍ମୀ ସର୍କିଟ ହାଉସ ଠାରୁ ଏକ ପଦଯାତ୍ରାରେ ଗଣତନ୍ତ୍ର ବଂଚାଅ, ଦେଶ ବଂଚାଅ ଏବଂ ରାହୁଲ ଗାନ୍ଧୀ ଜିନ୍ଦାବାଦ ନାରା ଦେଇ ରାଜଭବନ ପର୍ଯ୍ୟନ୍ତ ଯାଇଥିଲେ। ଏହାସହ ପ୍ରତିନିଧି ଦଳ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ଅଭିଯୋଗ କରିଛି ଯେ ନରେନ୍ଦ୍ର ମୋଦି ନେତୃତ୍ୱାଧିନ ବିଜେପି ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରଠାରୁ ଲଗାତର ଭାବରେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୌତମ ଆଦାନୀଙ୍କ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଦେଇଥିବା ବକ୍ତବ୍ୟକୁ ସଂସଦ ରେକର୍ଡରୁ କାଟି ଦିଆଯାଇଛି ଏବଂ ତାଙ୍କ ସ୍ୱରକୁ ଚାପି ଦେବାପାଇଁ ଲୋକ ସଭା ସଭ୍ୟପଦରୁ ରଦ୍ଦ କରାଯାଇଛି। ଯାହାକି ସଂସଦୀୟ ଗଣତନ୍ତ୍ର ପ୍ରତି ଘୋର ବିପଦ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଓ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ ଆଗକୁ ସବୁ ଦଳକୁ ନେଇ ଆନ୍ଦୋଳନ ତୀବ୍ର ହେବ। ଏହା ଏକ ଷଡ଼ଯନ୍ତ୍ର, ତୃଣମୂଳ ସ୍ତରରେ ଆନ୍ଦୋଳନ ହେବ। ଗଣତନ୍ତ୍ର ପ୍ରତିଷ୍ଠା ନ ହେବା ଯାଏଁ ଆନ୍ଦୋଳନ ଚାଲୁ ରହିବ। ଆଜିର ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ନେତୃବର୍ଗଙ୍କ ସମେତ ସିପିଆଇ (ଏମ), ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ସିପିଆଇ ଏମଏଲ (ଲିବରେସନ), ସିପିଆଇଏମଏଲ (ରେଡଷ୍ଟାର), ଏନସିପି, ସମାଜବାଦିପାର୍ଟି, ଆରଜେଡି, ଆମଆଦିମପାର୍ଟି, ସମୃଦ୍ଧ ଓଡ଼ିଶା, ଆରପିଆଇର ଶିର୍ଷ ନେତୃବୃନ୍ଦ ଓ କର୍ମକର୍ତା ସର୍ବଶ୍ରୀ ଅଭୟ ସାହୁ, ଆଶିଷ କାନୁନଗୋ, ଅଳିକିଶୋର ପଟ୍ଟନାୟକ, ସୁରେଶ ପାଣିଗ୍ରାହୀ, ସୁର ଜେନା, ଜ୍ୟୋତି ରଞ୍ଜନ ମହାପାତ୍ର, ଯୁଧିଷ୍ଠିର ମହାପାତ୍ର, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରମିଳା, ରବି ବେହେରା ପ୍ରମୁଖ ବହୁ ନେତୃବୃନ୍ଦ ଯୋଗଦେଇଥିଲେ।

# କଂଗ୍ରେସ ପକ୍ଷରୁ ବାଲେଶ୍ୱରରେ ଗଣତନ୍ତ୍ର ବଞ୍ଚାଅ ସମାବେଶ



ବାଲେଶ୍ୱର, ୨୭/୦୩ (ନି.ପ୍ର): ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟ ପଦ ରଦ୍ଦ ପ୍ରସଙ୍ଗରେ କଂଗ୍ରେସ ଦଳ ଏକଜୁଟ ହୋଇ ସମଗ୍ର ଦେଶରେ ପ୍ରତିବାଦ କରୁଥିବା ବେଳେ ବାଲେଶ୍ୱରରେ ବି ଏହାର ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣତନ୍ତ୍ର ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରୁ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ ଦପ୍ତର ନିକଟରେ ପହଞ୍ଚିଥିଲା। ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରନେତା ନବଜ୍ୟୋତି ପଟ୍ଟନାୟକ ଯୋଗ ଦେଇ କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଶବରୋଧୀ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ। ଗୁଜୁରାଟର ଶିଳ୍ପପତିଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସେମାନଙ୍କୁ ବର୍ଷକ ମଧ୍ୟରେ ବିଶ୍ୱର ଏକ ନମ୍ବର ଧନୀ ତାଲିକାରେ ରଖାଇବାରେ ପ୍ରଧାନମନ୍ତ୍ରୀ ସାହାଯ୍ୟ କରିଛନ୍ତି। ହିଣ୍ଡେନବର୍ଗର ରିପୋର୍ଟ ପ୍ରକାଶ ପରେ ଭାରତର କୋଟି କୋଟି ଗରିବ ଲୋକଙ୍କ ପୁଞ୍ଜିକୁ ସମ୍ପୃକ୍ତ ଶିଳ୍ପପତି ଖାଇ ଦେଇଥିବା ଜଣାପଡ଼ିଲା। ଅଦାନୀ ଗ୍ରୁପ ସହ ପ୍ରଧାନମନ୍ତ୍ରୀଙ୍କ କି ପ୍ରକାର ସମ୍ପର୍କ ରହିଛି ବୋଲି ରାହୁଲ ଗାନ୍ଧୀ ଲୋକସଭାରେ ପ୍ରଶ୍ନ ଉଠାଇବାରୁ ଗୁଜୁରାଟରେ ଚାଲିଥିବା ମକଦ୍ଦମାକୁ ପୁନଃ ବିଚାର କରାଯାଇ କାରାଦଣ୍ଡ ଦିଆଗଲା। ତେବେ ନ୍ୟାୟାଳୟର ଦୁଇବର୍ଷ ଦଣ୍ଡାଦେଶ ପ୍ରାସଙ୍ଗିକତା ଯାହାବି ଥାଉ, ମାତ୍ର ମୋଦି ଓ ଅଦାନୀଙ୍କ ମଧ୍ୟରେ ଥିବା ଭିତିରି ସମ୍ପର୍କକୁ ଏହା ପର୍ଦ୍ଦାଫାସ କରିବ ଓ କଂଗ୍ରେସ ଜନତାଙ୍କ ପାଖକୁ ଯାଇ ଉତ୍ତର ମାଗିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ହିଟଲର ଯେଉଁଭଳି ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ନିରୀହ ଲୋକଙ୍କୁ ହତ୍ୟା କରୁଥିଲା ଏବେ ଭାରତରେ ମୋଦି ସରକାର ଧର୍ମ ଆଳରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ସୃଷ୍ଟି ସହ ରାଷ୍ଟ୍ରକୁ ଭାଗ ଭାଗ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଅଦାନୀ ଗ୍ରୁପରେ ବେନାମୀ ଭାବେ କିଏ ୨୦ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିଛି ଓ କେଉଁ ଚାଇନିଜ ଶିଳ୍ପପତି ଡ୍ରୋନ ଓ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣରେ ଅର୍ଥ ବିନିଯୋଗ କରି ରାଷ୍ଟ୍ରର ସୁରକ୍ଷାକୁ ବିପନ୍ନ କରୁଛନ୍ତି, ତାର ତଥ୍ୟ ପ୍ରଧାନମନ୍ତ୍ରୀ ଜନତାଙ୍କ ସମ୍ମୁଖରେ ଘୋଷଣା କରନ୍ତୁ ବୋଲି ରାହୁଲ ଗାନ୍ଧୀ ପ୍ରଶ୍ନ କରିବାରୁ ତାଙ୍କ ସଦସ୍ୟ ପଦ ରଦ୍ଦ ପାଇଁ ଷଡ଼ଯନ୍ତ୍ର କରାଯାଇଛି। ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ଶିଳ୍ପପତିଙ୍କୁ ସୁରକ୍ଷା ଦେଇ ନିଜ ଦଳର ପାଣ୍ଠି ବୃଦ୍ଧି କରୁଛନ୍ତି। ସେହିଭଳି ଦଶ ବର୍ଷ ତଳେ ବିଶ୍ୱର ଧନୀ ତାଲିକାରେ ୬୭୦ନମ୍ବରରେ ଥିବା ଅଦାନୀ ଗ୍ରୁପ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାରଙ୍କ ଆଠବର୍ଷ କାର୍ଯ୍ୟକାଳ ମଧ୍ୟରେ ଦ୍ୱିତୀୟ ସ୍ଥାନରେ କିପରି ପହଞ୍ଚିଲା ବୋଲି ରାହୁଲ ଗାନ୍ଧୀ ସଂସଦରେ ପ୍ରଶ୍ନ କରିବା ପାପ କି ବୋଲି ସେ ପ୍ରଶ୍ନ କରିଥିଲେ। ଏଭଳି ଜନ ବିରୋଧୀ ସରକାର ବିରୋଧରେ ଗଣତନ୍ତ୍ରପ୍ରେମୀ ଜନତା ମୁହଁ ଖୋଲିବା ସହ ଆନ୍ଦୋଳନ ପାଇଁ ଆଗେଇ ଆସିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ପିସିସି ମୁଖପାତ୍ର ତଥା ଜଳେଶ୍ୱର ନେତା ସୁଦର୍ଶନ ଦାସ କେନ୍ଦ୍ର ସରକାରଙ୍କ ଦୂରଭିସନ୍ଧି ଜନ ବିରୋଧୀ କାର୍ଯ୍ୟକୁ କଡ଼ା ସମାଲୋଚନା କରିଥିଲେ। ୨୦୧୯ରେ ସବୁ ଚୋରଙ୍କ ସାଙ୍ଗିଆ କାହିଁକି ମୋଦି ବୋଲି ରାହୁଲ ଗାନ୍ଧୀ ପ୍ରଶ୍ନ କରିବାରୁ ଗୁଜୁରାଟର ଜଣେ ବ୍ୟକ୍ତି ଅଦାଲତରେ ମାମଲା ରୁଜ୍ଜୁ କରି ପରେ ହାଇକୋର୍ଟରେ ମାମଲା ପ୍ରତ୍ୟାହାର କରିବାକୁ ଆବେଦନ କରିଥିଲେ।

## ରାତ୍ରିକାଳିନ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ନୀଳଗିରି, ୨୭/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ମାଟିଆଳି ପଂଚାୟତର ନଟାପଡ଼ା ଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ରାତ୍ରିକାଳିନ କ୍ରିକେଟ ଟୁର୍ଣ୍ଣାମେଂଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଂଟକୁ ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ତଥା ଯୁବ ମାନସର ପ୍ରତୀକ ଶୁଭେନ୍ଦୁ ଦାସ ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଉପସ୍ଥିତ ଯୁବ ଖେଳାଳୀମାନଙ୍କୁ ଉଦ୍‌ବୋଧନ ଦେଇ ଖେଳାଳୀ ନିଜେ ଫିଟ୍ ରହିବା ସହିତ ଯୁବ ପ୍ରତିଭା ମାନେ କ୍ରୀଡ଼ା ମନସ୍କ ହେବା ପାଇଁ ଉତ୍ସାହିତ କରିଥିଲେ। ଏଥିସହିତ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଭିଜନରେ ଥିବା କ୍ରୀଡ଼ାକୁ କିଭଳି ପ୍ରୋତ୍ସାହନ ଦିଆଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ଟୁର୍ଣ୍ଣାମେଂଟରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ସବ୍ୟସାଚୀ ମହାପାତ୍ର, ମାଟିଆଳି ପଂଚାୟତର ବରିଷ୍ଠ ନେତା ପ୍ରଭାକର ଦାସ, ପ୍ରଫୁଲ୍ଲ ଦାସ, ନିରଂଜନ ସ, ବିଶ୍ୱମ୍ବର ଦାସ, ଭାସ୍କର ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## କୋଲକାତାରେ ନେତାଜୀ ଭବନ ପରିଦର୍ଶନ କଲେ ରାଷ୍ଟ୍ରପତି

କୋଲକାତା, ୨୭/୦୩ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସୋମବାର ପଶ୍ଚିମବଙ୍ଗ ଗସ୍ତରେ ଯାଇଛନ୍ତି। କୋଲକାତାରେ ପହଂଚିବା ପରେ ରାଜ୍ୟପାଳ ଡ. ସି ଭି ଆନନ୍ଦ ବୋଷ ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ। କୋଲକାତା ଗସ୍ତ ଅବସରରେ ରାଷ୍ଟ୍ରପତି ନେତାଜୀ ଭବନ ପରିଦର୍ଶନ କରିବା ସହ ଦେଶ ମାତୃକାକୁ ସ୍ୱାଧୀନ କରିବାରେ ତାଙ୍କର ବୀରତ୍ୱର ସ୍ତୁତିଚାରଣ କରିଛନ୍ତି।

# ବୈଜୟନ୍ତ ପଣ୍ଡାଙ୍କ ବାରିପଦା ଗସ୍ତ : ପ୍ରଧାନମନ୍ତ୍ରୀଙ୍କ ମନକି ବାତ କାର୍ଯ୍ୟକ୍ରମରେ ଯୋଗଦାନ



ବାରିପଦା, ୨୭/୦୩ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ତଥା ମନ କି ବାତ କାର୍ଯ୍ୟକ୍ରମର ରାଷ୍ଟ୍ରୀୟ ପ୍ରମୁଖ ବୈଜୟନ୍ତ ପଣ୍ଡା ଆଜି ଦିନିକିଆ ବାରିପଦା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯୯ ତମ ମନ କି ବାତ କାର୍ଯ୍ୟକ୍ରମ ରେ ଯୋଗ ଦେଇଛନ୍ତି। ସେ ଆଜି ଦିନ ୧୦ ଟା ସମୟରେ ରଜାବସା ସ୍ଥିତ ଅସ୍ଥାୟୀ ହେଲିପେଡ ପଡ଼ିଆରେ ହେଲିକପ୍ଟର ବିମାନ ଯୋଗେ ଅବତରଣ କରି ବାରିପଦା ମହାରାଜପୁର ସ୍ଥିତ ବିଜେପି ଜିଲ୍ଲା କାର୍ଯ୍ୟଳୟରେ ଯୋଗ ଦେଇ ମନକିବାତ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଏହି ଅବସରରେ ବିଜେପି ଜିଲ୍ଲା କାର୍ଯ୍ୟଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ, ରାଷ୍ଟ୍ରହିତ ଏବଂ ସେବା କାର୍ଯ୍ୟରେ ନିଜର ସାଧନା ଜାରିରଖିଥିବା ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦିନ ୧୧ ବେଳକୁ ଶ୍ରୀଯୁକ୍ତ ପଣ୍ଡାଙ୍କ ସହ ବିଜେପିର କର୍ମକର୍ତ୍ତା ମାନେ ଏକ ବଡ଼ ସ୍କ୍ରିନ୍ ଯୋଗେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମକୁ ଦେଖିଥିଲେ। ବିଜେପି କାର୍ଯ୍ୟାଳୟରେ ବିଜେପିର ଜିଲ୍ଲା ସବାପତି କାନ୍ଦ୍ରା ସୋରେନ, ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଂଜଦେଓ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ପୂର୍ବତନ ଜିଲ୍ଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସହିତ ସମଗ୍ର ଜିଲ୍ଲାରୁ ବିଜେପିର ବରିଷ୍ଠ ନେତା ମାନେ ଯୋଗ ଦେଇଥିଲେ।

# ଶିକାରୀ, କାଠ ମାଫିଆ, ହାତୀଦାନ୍ତ ଲୁଟେରାଙ୍କ ଚରାଭୂଇଁ କୁଳଡିହା

ନୀଳଗିରି, ୨୭/୦୩ (ନି.ପ୍ର): ପ୍ରକୃତିର ନୈସର୍ଗିକ ଶୋଭାର ଗନ୍ତାଘର ନୀଳଗିରି ର କୁଳଡିହା ଅଭୟାରଣ୍ୟ। ଏଠାରେ ସବୁଜିମାରେ ଭରପୁର ଜଙ୍ଗଲ ଓ ପାହାଡ଼। ଯେଉଁଠି ଶହ ଶହ ସଂଖ୍ୟାରେ ବିଭିନ୍ନ ଜାତିର ପଶୁପକ୍ଷୀ ବାସ କରନ୍ତି। ମୁଖ୍ୟତଃ ହାତୀବଂଶର ସୁରକ୍ଷା ପାଇଁ ଅଭୟାରଣ୍ୟ ସୃଷ୍ଟି। ଆନ୍ତରାଜ୍ୟ ତଥା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବର୍ଷର ଅନେକ ସମୟରେ ଦେଖାଯାଏ। କିନ୍ତୁ ଶିକାରୀଙ୍କ ଲୋଲୁପ ଦୃଷ୍ଟିରେ ଏବେ କୁଳଡିହା। ଅଭୟାରଣ୍ୟକୁ ସୁରକ୍ଷା ଦେବାକୁ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇଛି। କିନ୍ତୁ ଅବହେଳା ପାଇଁ ହେଉ କିମ୍ବା ବିଭାଗର ଅପାରଗତା ପାଇଁ ହେଉ ଦିନକୁ ଦିନ ଅଭୟାରଣ୍ୟ ଏବେ ଅସୁରକ୍ଷିତ। ଏ ନେଇ ଏକ ପ୍ରେସ ବିଜ୍ଞପ୍ତି ମାଧମରେ ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରିଛନ୍ତି। ଅଭୟାରଣ୍ୟ ମଧ୍ୟରେ ଏବେ ଗଢ଼ି ଉଠିଛି ଅସଂଖ୍ୟ ଇଟା ଭାଟି। ଯାହା ବନବିଭାଗର ଅଗୋଚରରେ ବୋଲି ଖୁଦ୍ ଡିଏଫ.ଓ. ବାଲେଶ୍ୱର ପ୍ରକାଶ କରିଛନ୍ତି। ଏତଦ୍‌ଭିନ୍ନ ବିଭିନ୍ନ ସମୟରେ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ବାଦ ପଡ଼ି ନାହାନ୍ତି ବନ୍ୟଜନ୍ତୁ। ଅଖଣ୍ଡ ଶିକାରକୁ ରୋକି ପାରି ନାହିଁ ବନବିଭାଗ। ଗଜରାଜଙ୍କ କଥା ନ କହିବା ଭଲ। ବିଭିନ୍ନ ସମୟରେ ହାତୀ ଶିକାର କରି ଦାନ୍ତ ଲୁଟ ହେଉଥିବା ବେଳେ ଗତ ୧୪ ମାସ ମଧ୍ୟରେ ନିର୍ଦ୍ଦିଷ୍ଟ ସେକ୍ସନ ମଧ୍ୟରେ ୫ଟି ହାତୀ ମରିବା ସହ ମୋଟ ୭ଗୋଟି ହାତୀଙ୍କର ମୃତ୍ୟୁ ପରିବେଶ ପ୍ରେମୀଙ୍କୁ କ୍ଷୁବ୍ଧ କରିଛି। ଏ ସମସ୍ତ ଘଟଣାକୁ ଅବଲୋକନ କଲେ ବନବିଭାଗ ଯେ ସଂପୂର୍ଣ୍ଣ ଦାୟୀ ଏକଥା ଚିତ ଷଡ଼ଙ୍ଗୀ ଙ୍କ ପ୍ରେସ ବାର୍ତ୍ତାରୁ ଜଣା ପଡ଼େ। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଅଧିକ କର୍ମଚାରୀ ନିଯୁକ୍ତି କରନ୍ତୁ ଅଥବା ପୋଲିସ କିମ୍ବା ସୈନ୍ୟ ବିଭାଗକୁ ଜଗିବାକୁ ଦାୟିତ୍ୱ ଦିଅନ୍ତୁ ବୋଲି କହିଛନ୍ତି।

## ହଜ ପୋଖରୀ ଜମିକୁ ୬ ମାସରେ ଜବରଦଖଲମୁକ୍ତ କରିବାକୁ ବିଡିଏ ଓ ବିଏମସିକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭/୦୩ (ନି.ପ୍ର): ବିଡିଏ ଓ ବିଏମସି କୁ ବାଜିଛି ଏନଜିଟି ଛାଟ। ନୟାପଲ୍ଲୀ ହଜ ପୋଖରୀ ଜମି ଓ ପ୍ରାକୃତିକ ନାଳକୁ ୬ ମାସ ଭିତରେ ଜବରଦଖଲ ମୁକ୍ତ କରିବାକୁ ବିଡିଏ ଓ ବିଏମସି କୁ ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)। ଏହା ସହ ଜଳାଶୟ ସ୍ଥାନରେ ତିଆରି ହୋଇଥିବା ଶନି ମନ୍ଦିରକୁ ଦୁଇ ମାସ ଭିତରେ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ଏହା ବ୍ୟତୀତ ପୋଖରୀ ଜଳକୁ ଦୂଷିତ କରୁଥିବା ହୋଟେଲ ଠାରୁ ମଧ କ୍ଷତି ଭରଣା ଆଦାୟ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଆନୁସାରେ ନୟାପଲ୍ଲୀର ୭ ଏକର ଆୟତନ ଏକ ପୋଖରୀ ଜମିରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଯାହାକୁ ନେଇ ୨୦୨୨ରେ ଏନଜିଟିରେ ଏକ ମାମଲା ଦାୟର ହୋଇଥିଲା।

# 'ଶୋଭା' ପକ୍ଷରୁ ବିଶ୍ୱନାଟ୍ୟ ଦିବସ : ମଞ୍ଚସ୍ଥ ହେଲା ନାଟକ 'ଚମ୍ପାଗଳି'




ବାଲେଶ୍ୱର, ୨୭/୦୩ (ନି.ପ୍ର): ବିଶ୍ୱନାଟ୍ୟ ଦିବସ ଅବସରରେ ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଶୋଭା'ପକ୍ଷରୁ ନାଟକ 'ଚମ୍ପାଗଳି' ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପରିସରରେ ମଞ୍ଚସ୍ଥ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା କ୍ଷ୍ମୀନାରାୟଣ ଘୋଷଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ 'ଚନ୍ଦ୍ରଭାଗା' ନର୍ଦ୍ଦେଶକ କବି ଶ୍ରୀଦେବ ଯୋଗଦେଇ ନାଟକ ହିଁ ସାହିତ୍ୟର ସର୍ବାଧିକ ଗ୍ରହଣୀୟ ବିଭାଗ ବୋଲି କହିଥିଲେ।ଏବର୍ଷର ବାର୍ତ୍ତା 'ନାଟକ - ଶାନ୍ତିର ପ୍ରତୀକ' ହେଉ ବୋଲି ସେ କାମନା କରିଥିଲେ। ବିଶିଷ୍ଟ ଅଭିନେତା ଉତ୍ତମ ଚାନ୍ଦ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇ ବିଶ୍ୱନାଟ୍ୟ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନ୍ୟତମ ନାଟ୍ୟାନୁଷ୍ଠାନ 'କଳାକାର'ର ପ୍ରତିଷ୍ଠାତା ସଭାପତି ଅଭିନେତା, ନିର୍ଦ୍ଦେଶକ ସୁରଞ୍ଜନ ଦାସମହାପାତ୍ରଙ୍କୁ 'ବିଶ୍ୱନାଟ୍ୟ ଦିବସ ସମ୍ମାନ-୨୦୨୩'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରମୋଥେସ ପୁହାଣ ମାନପତ୍ର ପାଠ କରିଥିବା ବେଳେ ସୁସ୍ମିତା ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପୁଅକୁ ଖୋଜି ଖୋଜି ନିପଟ ମଫସଲରୁ ବୁଢ଼ାଟିଏ ଆସି ପହଞ୍ଚେ ସହରରେ। ସହରରେ ୩ଦିନ ବୁଲିବା ପରେ ସନ୍ଧ୍ୟାରେ ବୁଢ଼ା ସହରର ଏକ ଗଳି ରାସ୍ତାରେ ପହଞ୍ଚିଯାଏ। ଚିନ୍ତା ବଢ଼ିଯାଏ ବୁଢ଼ାର। କ'ଣ କରିବ, କୁଆଡ଼େ ଯିବ ଏ ଅଜଣା ଜାଗାରେ ସେ। ସନ୍ଧ୍ୟା ଯାଇ ରାତି ହୁଏ। ଗଳି ଚଳଚଞ୍ଚଳ ହୋଇଉଠେ। କିଏ ଗଳିକୁ ଆସେ ତ କିଏ ଢଳିଢଳି ମାତାଲ ହୋଇ ଗଳିରୁ ଫେରୁଥାଏ। ଯୁବକଟିଏ ଭେଟହୁଏ ବୁଢ଼ା ସହିତ। କଥା ହୋଇ ବୁଢ଼ା ଜାଣେ ଗଳିର ନାମ 'ଚମ୍ପାଗଳି'। ଚମ୍ପାବାଇ ହେଉଛି ଗଳିର ମାଲିକାଣୀ। ଭାବିଚାଲେ ବୁଢ଼ା, କ'ଣ କରିବ। 'ମନ' ଓ 'ବିବେକ' ଅସ୍ତବ୍ୟସ୍ତ କରୁଥାଏ ବୁଢ଼ାକୁ। 'ମୋ ପୁଅ କ'ଣ ଏଠାକୁ ଆସୁଥିବ? ଶେଷରେ ପୁଅସହ ଭେଟ ହୁଏ ଏହି ଚମ୍ପାଗଳିରେ। ବାପାକୁ ଦେଖି ନ ଚିହ୍ନିବାର ଅଭିନୟ କରେ। ବୁଢ଼ା ଉପରକୁ କିଛି ଟଙ୍କା ଫିଙ୍ଗିଦେଇ 'ଏଇ ଟଙ୍କା ତୋର ପୁଅ ବୋଲି କହି ଚାଲିଯାଏ ତା' ରାସ୍ତାରେ। ଏହିଭଳି ଆବେଗପୂର୍ଣ୍ଣ କଥାବସ୍ତୁକୁ ନେଇ ନାଟ୍ୟକାର ସ୍ୱର୍ଗତ ପୁରୁଷୋତ୍ତମ ଭୂୟାଁଙ୍କ ରଚିତ ନାଟକ 'ଚଂପାଗଳି' 'ଶୋଭା' ପକ୍ଷରୁ ମଞ୍ଚସ୍ଥ ହୋଇଯାଇଛି।

# ଅବହେଳିତ କାଶିକୁଣ୍ଡଳାର ଲୋଧା ସମ୍ପ୍ରଦାୟ



ଉଦଳା, ୨୭/୦୩ (ନି.ପ୍ର): ସ୍ୱାଧିନତା ଦିର୍ଘ ୭୫ ବର୍ଷ ପୁରିଲା। ଆଜି ମଧ ଉଦଳା ବ୍ଲକର ପାଟଶାଣିପୁର ପଂଚାୟତ ଅନ୍ତର୍ଗତ କାଶିକୁଣ୍ଡଳା ଗ୍ରାମର ଦୁଃଖ କହିଲେ ନସରେ। ଏଠାରେ ବସବାସ କରୁଥିବା ଲୋଧା ସମ୍ପ୍ରଦାୟ ସବୁଠାରୁ ଅଧିକ ଅବହେଳିତ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ସବୁକିଛି ଏ ଅଂଚଳର ବାସିନ୍ଦାଙ୍କ ପାଇଁ ଆଜିବି ସାତ ସପନ ପାଲଟିଛି। ବହୁ ପରିବାର ଭୂମିହୀନ ହୋଇଥିବା ବେଳେ ସରକାରଙ୍କର ସାମାଜିକ ସୁରକ୍ଷା ଯୋଜନାରେ ଭତା ଓ ଜାତୀୟ ଖାଦ୍ୟ ଯୋଜନାରେ ଚାଉଳ ପାଇବାରୁ ବହୁ ପରିବାର ବଂଚିତ ଅଛନ୍ତି। ସେହିପରି ପାଖରେ ବିଦ୍ୟାଳୟ ନଥିବାରୁ ବହୁ ପିଲା ଅଙ୍ଗନୱାଡ଼ି ପରେ ପାଠ ପଢ଼ା ଛାଡ଼ିବାକୁ ବାଧ ହେଉଛନ୍ତି। ଏ ବାବଦରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଅବଗତ କରାଇବା ପାଇଁ ଆଜି ମାର୍ଚ୍ଚ ୨୭ ତାରିଖ ସୋମବାର ଦିନ ଲୋଧା ସମ୍ପ୍ରଦାୟର ଲୋକେ ଉଦଳା ଠାରେ ଏକତ୍ରୀତ ହେବା ସହିତ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ସମୟରେ ଲିଖିତ ଗୁହାରୀ ଜଣାଇଥିବାର ଜଣା ଯାଇଛି। ଜିଲ୍ଲାପାଳ ମଧ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି।

# ପାଇକସିଦା ସେବା ସମବାୟ ସମିତି ସମ୍ମୁଖରେ ୧୫ ଗାଁର ଚାଷୀଙ୍କ ଧରଣା



ଜଳେଶ୍ୱର, ୨୭/୦୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ପଂଚାୟତ ସମ୍ମୁଖରେ ଆଜି ୫ ପଂଚାୟତର ୧୫ଟି ଗାଁର ଚାଷୀମାନଙ୍କୁ ରବିଋତୁରେ ଋଣ ଦିଆନଯିବା ଏବଂ ସେମାନଙ୍କ ଠାରୁ ସୁଧ ସହିତ ଦଣ୍ଡ ସୁଧ (ଖିଲାପି ଋଣ ସୁଧ)ଲାଗୁ କରିଥିବାରୁ ତା ପ୍ରତିବାଦରେ ସେମାନେ ଧାରଣାରେ ବସିଛନ୍ତି। ଆସନ୍ତା ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରିବା ସହିତ ରାଜପଥ ଅବରୋଧ କରିବା ସଂପର୍କରେ ସୂଚନା ଦିଆଯାଇଛି। ପାଇକସିଦା ସେବାସମବାୟ ସମିତିରେ ବହୁଦିନ ପୂର୍ବରୁ ବାରମ୍ବାର ଗଣ୍ଡଗୋଳ ହୋଇ ଆସୁଛି। ବିଶେଷ କରି ଗତ ୪-୫-୨୨ରେ ଜନ୍ମେଜୟ ଜେନା ସଂପାଦକଭାବେ ଥିବା ବେଳେ ଏକ ବିବଦମାନ ପରିସ୍ଥିତିରେ ତାଙ୍କୁ ନଲମ୍ବନ କରାଯାଇଥିଲା। ଗତ ୫-୫-୨୦୨୨ରୁ ୧୨-୭-୨୦୨୨ ଯାଏ ଜ୍ୟୋତିଜଂଗମ ସେବା ସମବାୟ ସମିତିର ସଂପାଦକ ଅଜିତ୍ କୁମାର ଜେନା ସେଠାରେ କାର୍ଯ୍ୟ ତୁଲାଇଥିଲେ। ପରେ ବ୍ୟାଙ୍କ କର୍ମଚାରୀ କମଳାକାନ୍ତ ଦାସ ଅଧିକାରୀ ମଧ୍ୟ କିଛିଦିନ କାର୍ଯ୍ୟ ତୁଲାଇଥିବା ବେଳେ ୨୮-୧୧-୨୦୨୨ରୁ ସହକାରୀ ସଂପାଦକ ସନନ୍ତ କୁମାର ସାହୁ ଅଦ୍ୟାବଧି ସଂପାଦକଭାବେ କାର୍ଯ୍ୟ ତୁଲାଉଛନ୍ତି। ରାୟାଁରାମଚନ୍ଦ୍ରପୁର ପଂଚାୟତର ବାରକୋଣା, କୋଟସାହି ପଂଚାୟତର ଜମାଲପୁର, କାସିମପୁର, ବର୍ତ୍ତନା ପଂଚାୟତର ଶୋଳକଣ୍ଡା, କସିଦା, ସାନକସିଦା, ପାଇକସିଦା ପଂଚାୟତର କେଶପୁରା, ପାଇକସିଦା, ଚଳଗୋଛିଆ, ବାଲିକବାଡ, ଚିଟ୍‌ମିଶ୍ରା, ଉତ୍ତରପଡା, ଖଳାପାଡିଆ, ଗଡସାହି ବାଲିଆପାଳ ପଂଚାୟତର ସେହି ଗାଁକୁ ମିଶାଇ ୧୫ଟି ଗାଁର ପ୍ରାୟ ୮୫୦ ଚାଷୀ ସମବାୟ ସମିତିରେ ଚାଷୀ ଭାବେ ପରିଚିତ। କିନ୍ତୁ ଗତ ରବିଋତୁ ସମୟରେ ଉପରୋକ୍ତ ଅଂଚଳରୁ ୪୮୮ ଜଣ ଋଣ ପାଇଁ ଆବେଦନ କରିଥିଲେ। ସେମାନଙ୍କୁ ଋଣ ନ ଦେବା, କେତେକଙ୍କ ଠାରୁ ଧାନ କିଣାନଯିବା ଏପରିକି ପୂର୍ବରୁ ନେଇଥିବା ଋଣର ସୁଧ ଧ ଦଣ୍ଡସୁଧ ଦେବାକୁ ବାଧ୍ୟ କରାଯାଇଥିବା ଯୋଗୁଁ ଚାଷୀମାନଙ୍କର ରାଗ ଚରମ ସୀମାରେ ପହଞ୍ଚିଥିଲା। ପ୍ରକାଶଯୋଗ୍ୟ ସରକାରଙ୍କ ନିତି ଅନୁଯାୟୀ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଗ୍ରହିତାଙ୍କୁ ସୁଧା ଦେବାକୁ ପଡୁନଥିବା ବେଳେ ଅଧିକ ଋଣ ନେଇଥିବା ବ୍ୟକ୍ତିଙ୍କ ଠାରୁ ୨ ପ୍ରତିଶତ ଋଣ ନେବା ନିୟମ ରହିଛି। କିନ୍ତୁ ଏବର ସଂପାଦକ ସନନ୍ତ କୁମାର ସାହୁ ଓ ସଭାପତି ମମତାରାଣୀ ସାହୁ ସେମାନଙ୍କଠାରୁ ସୁଧ ସହିତ ଦଣ୍ଡସୁଧ ବାବଦକୁ ୧୩ଟଙ୍କା ୫୦ପ. ସୁଧ ପାଇଁ ନୋଟିସ୍ ଜାରି କରାଯାଇଛି। ଏହା ପୂର୍ବରୁ କୌଣସି କାରଣ ଦର୍ଶାଅ ଚିଠି ଦିଅନଯିବା ଏବଂ ଅନ୍ୟ କେତେକ ବେନିୟମ କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ବାରମ୍ବାର ସମ୍ପାଦକ, ବ୍ୟାଙ୍କ ପରିଚାଳକ, ଭଦ୍ରକ-ବାଲେଶ୍ୱର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ, ଏସ୍‌ଆର୍‌ସି, ଡିଆର୍‌ସିଙ୍କ ଦୃଷ୍ଟି ଗୋଚର କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଆଜିର ସଭାରେ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ବୟସ୍କ ଓ ବରିଷ୍ଠ ନେତା ରମାନାଥ ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧାରଣାରେ ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ସରପଂଚ ପଦ୍ମଲୋଚନ ବେହେରା, ଅନନ୍ତ ରାଉଳ, ରମାନାଥ ଜେନା, ରାଧାଶ୍ୟାମ ଜେନା, କାହ୍ନୁଚରଣ ମହାନ୍ତି, ଅଜିତ୍ ସେଠୀ, ଶ୍ରୀପତି ପାଳ, ଯଦୁନାଥ ବେହେରା, ସନାତନ ପାଳ, ଜନ୍ମେଜୟ ସାହୁ, ଭଗିରଥ ମାଝି, ଯଦୁନାଥ ବେହେରା, ଦମ୍ବରୁଧର ମହାପାତ୍ର, ଶଚିନ୍ଦ୍ର ଜେନା, ନବିନ ସାହୁ, ବରେନ୍ଦ୍ର ମହାନ୍ତି, ରାଜକୁମାର ରାଉତ, ବଳରାମ ଜେନା, ଅଜିତ୍ ସେଠୀ, ଚନ୍ଦନ ଜେନା, ବଙ୍କିମ ବାଗ, ବାବୁରାମ ଦାସ, ବିଶ୍ୱଜିତ୍ ଜେନା ପ୍ରମୁଖ ଆନ୍ଦୋଳନକାରୀ ସଂପାଦକ, ସଭାପତି ଓ ଅନ୍ୟ କେତେକ ବ୍ୟକ୍ତିଙ୍କ ବିରୋଧରେ ଏବଂ ଅନ୍ୟାୟ କରୁଥିବା ସଂପର୍କରେ ଅଭିଯୋଗ ଆଣିଥିଲେ। ସହକାରୀ ସଂପାଦକଙ୍କୁ ବଦଳି କରିବା ଓ ଦଣ୍ଡସୁଧରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି ସେମାନେ ସୂଚନା ଦେଇଛନ୍ତି।

# ବାସୁଦେବପୁରରେ ମିଳିତ ଜନଶୁଣାଣି ଶିବିର : ସମୁଦାୟ ଅଭିଯୋଗ ୧୦୭



ଭଦ୍ରକ, ୨୭/୦୩ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ତା. ୨୭.୦୩.୨୦୨୩ ରିଖ ସୋମବାର ଦିନ ବାସୁଦେବପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ଭଦ୍ରକ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୦୭ ଟି ଅଭିଯୋଗ ଶୁଣିଥିଲେ। ଭଦ୍ରକ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡା. ସନ୍ତୋଷ କୁମାର ପୃଷ୍ଟି ଏହି ଶିବିରରେ ଯୋଗଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଆଗତ ହୋଇଥିବା ସମୁଦାୟ ଅଭିଯୋଗ ମଧ୍ୟରେ ୯୫ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିଲାବେଳେ ୧୨ ଟି ସାମୂହିକ ସମସ୍ୟା ସମନ୍ଧୀୟ ଥିଲା। ସାମାଜିକ ସୁରକ୍ଷା ଯୋଜନାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସଙ୍କ ସଂଯୋଜନାରେ ୬ଟି ତିନିଚକିଆ ସାଇକେଲ, ୧ଟି ହ୍ୱିଲ ଚେୟାର ଓ ୪ ହଳ କ୍ରଚେସ୍ (ଆଶ୍ରାବାଡ଼ି) ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଜିଲ୍ଲା ସ୍ତରୀୟ ଓ ଭଲ୍ଡ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ଉତ୍ତର ରଖିଥିଲେ। ବାସୁଦେବପୁର ବି.ଡ଼ି.ଓ. ସତ୍ୟଜିତ୍ ରାଉତ ଏବଂ ବ୍ଲକ୍‌ର ଅନ୍ୟ ଅଧିକାରୀ ବୃନ୍ଦ ଏହି ଶିବିର ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo